ଆଜି - ଗୁରୁବାର
ତାରିଖ - ୨୬ ଫେବୃଆରୀ ୨୦୨୬
ମାସ - କୁମ୍ଭ, ଦିନ - ୧୪
ତିଥି - ଦଶମୀ, ପକ୍ଷ - ଶୁକ୍ଳ
ନକ୍ଷତ୍ର - ମୃଗଶିରା, ମିଥୁନ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୧୩ : ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।"
- ରବୀନ୍ଦ୍ରନାଥ ଠାକୁର


E-News : www.theajikali.com

Vol.- 40 ISSUE- 315 R.N.I. REGD. No. 44026/86 ବାଲେଶ୍ୱର ୨୬ ଫେବୃଆରୀ ୨୦୨୬ ଗୁରୁବାର BALASORE 26 FEBRUARY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଶେଗାଓଁରେ ଜାତୀୟ ଆରୋଗ୍ୟ ମେଳା-୨୦୨୬ର ଉଦ୍‌ଘାଟନ କଲେ ରାଷ୍ଟ୍ରପତି




ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ମହାରାଷ୍ଟ୍ରର ବୁଲଧାନା ଜିଲ୍ଲାର ଶେଗାଓଁରେ ଜାତୀୟ ଆରୋଗ୍ୟ ମେଳା ୨୦୨୬ କୁ ଉଦଘାଟନ କରିଛନ୍ତି ।ଏହି ଚାରି ଦିନିଆ ଜାତୀୟ କାର୍ଯ୍ୟକ୍ରମ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଅଖିଳ ଭାରତୀୟ ଆୟୁର୍ବେଦିକ କଂଗ୍ରେସ ସହଯୋଗରେ ଆୟୋଜିତ ହେଉଛି । ଏହା ଭାରତର ପାରମ୍ପରିକ ଚିକିତ୍ସା ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ନିର୍ଦ୍ଧାରକ, ଗବେଷକ, ଅଭ୍ୟାସକାରୀ, କୃଷକ, ଶିଳ୍ପ ପ୍ରତିନିଧି ଏବଂ ନାଗରିକମାନଙ୍କୁ ଏକ ସାଧାରଣ ମଂଚରେ ଏକତ୍ରିତ କରୁଛି । ସନ୍ଥ ଶ୍ରୀ ଗଜାନନ ମହାରାଜଙ୍କ ପବିତ୍ର ଭୂମିକୁ ଆସିବା ତାଙ୍କୁ ହୃଦୟରୁ ଖୁସି ଦେଇଛି ବୋଲି ରାଷ୍ଟ୍ରପତି କହିଥିଲେ । ସେ କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ସୁଯୋଗ ପାଇଥିଲେ । ସନ୍ଥ ଗଜାନନ ମହାରାଜ ତାଙ୍କର ଜୀବନ ଜନ କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଏବଂ ସମସ୍ତ ଜୀବଜଗତଙ୍କ ପାଇଁ କରୁଣା ଏବଂ ସମାନତାର ବାର୍ତ୍ତା ଶିକ୍ଷା ଦେବା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏପରି ଏକ ମହତ୍ୱପୂର୍ଣ୍ଣ ସ୍ଥାନରେ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ କାର୍ଯ୍ୟକ୍ରମ ଉଦଘାଟନ କରିବା ଅତ୍ୟନ୍ତ ସନ୍ତୋଷର ବିଷୟ ବୋଲି ସେ କହିଥିଲେ । ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ, ଆମ ପରମ୍ପରାରେ କୁହାଯାଏ, " ଆରୋଗ୍ୟମ୍ 'ପରମମ୍ ସୁଖମ୍,' ଅର୍ଥାତ୍ ଭଲ ସ୍ୱାସ୍ଥ୍ୟ ହେଉଛି ସର୍ବୋତମ ଖୁସି । ଏକ ସୁସ୍ଥ ଶରୀର ସମସ୍ତ କର୍ତ୍ତବ୍ୟ ପାଳନ ପାଇଁ ପ୍ରାଥମିକ ଉପକରଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ରାଷ୍ଟ୍ରକୁ ସୁଦୃଢ଼ କରିବାରେ, ସୁସ୍ଥ ନାଗରିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ, ସୋଓ୍ୱା- ରିଗ୍ପା ଏବଂ ହୋମିଓପାଥି ପ୍ରତିରୋଧକ, ପ୍ରୋତ୍ସାହନମୂଳକ ଏବଂ ଚିକିତ୍ସାମୂଳକ ସ୍ୱାସ୍ଥ୍ୟସେବାରେ ଅମୂଲ୍ୟ ଅବଦାନ ଦେଇଛନ୍ତି ଏବଂ ସମାଜକୁ ସନ୍ତୁଳିତ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଆସୁଛନ୍ତି । ପ୍ରକୃତ ସୁସ୍ଥତା ପାଇଁ ଶରୀର ଏବଂ ମନ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ବିଶ୍ୱ କ୍ରମାଗତ ଭାବରେ ସ୍ୱୀକାର କରୁଛି । ଆୟୁଷ ବ୍ୟବସ୍ଥା କେବଳ ଚିକିତ୍ସା ପ୍ରଦାନ କରେ ନାହିଁ, ବରଂ ସନ୍ତୁଳିତ ଖାଦ୍ୟ, ଦୈନନ୍ଦିନ ଏବଂ ଋତୁକାଳୀନ କାର୍ଯ୍ୟପଦ୍ଧତି, ଯୋଗ, ଧ୍ୟାନ ଏବଂ ପ୍ରାକୃତିକ ଚିକିତ୍ସା ଉପରେ ଆଧାରିତ ଏକ ସମ୍ପୂର୍ଣ୍ଣ ଜୀବନଶୈଳୀ ଢାଂଚା ପ୍ରଦାନ କରେ । ରୋଗର ବୋଝ ହ୍ରାସ କରିବା ଏବଂ ଦୀର୍ଘକାଳୀନ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିରୋଧକ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଭାରତରେ ଔଷଧୀୟ ଉଦ୍ଭିଦ ଏବଂ ପାରମ୍ପରିକ ଜ୍ଞାନର ଏକ ସମୃଦ୍ଧ ଐତିହ୍ୟ ରହିଛି । ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଏବଂ ବିଜ୍ଞାନଭିତ୍ତିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ କଂଚାମାଲ ଆଧାରକୁ ସୁଦୃଢ଼ କରିବା ଦ୍ୱାରା ନିରନ୍ତର ସ୍ୱାସ୍ଥ୍ୟସେବା, କୃଷକଙ୍କ ଆୟ ବୃଦ୍ଧି ଏବଂ ପରିବେଶ ସୁରକ୍ଷା ହୋଇପାରିବ । ସେ ଆୟୁଷ ବ୍ୟବସ୍ଥାକୁ ଆଗକୁ ବଢାଇବା ଏବଂ ଏକ ସୁସ୍ଥ ଏବଂ ସଶକ୍ତ ଭାରତ ଗଠନ ପାଇଁ ସାମୂହିକ ପ୍ରୟାସ କରିବା ଲାଗି ଆହ୍ୱାନ କରିଥିଲେ । ମହାରାଷ୍ଟ୍ରର ରାଜ୍ୟପାଳ ଶ୍ରୀ ଆଚାର୍ଯ୍ୟ ଦେବବ୍ରତ ଆୟୁର୍ବେଦକୁ ଭାରତର ପ୍ରାଚୀନ ଋଷିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ କାଳଜୟୀ ବୈଜ୍ଞାନିକ ପରମ୍ପରା ଭାବରେ ବର୍ଣ୍ଣନା କରିଥିଲେ । ସେମାନଙ୍କୁ ସେ ସର୍ବପ୍ରାଚୀନ ଗବେଷଣା କ୍ଷେତ୍ରର ବିଦ୍ୱାନ ବୋଲି କହିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ପଂଚତତ୍ତ୍ୱରେ ଗଠିତ ମାନବ ଶରୀର ପ୍ରକୃତି ସହିତ ସମନ୍ୱୟ ସ୍ଥାପନ କରି ସର୍ବୋତମ ଭାବରେ ସୁସ୍ଥ ହୋଇପାରିବ ।

## ତେଲ ଅଭିଭରେ ପହଂଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କଲେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲରେ ପହଂଚିଛନ୍ତି । ତାଙ୍କ ବିମାନ ତେଲ ଅଭିଭର ବେନ୍ ଗୁରିଅନ୍ ବିମାନବନ୍ଦରରେ ଅବତରଣ କରିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବ୍ୟକ୍ତିଗତ ଭାବରେ ତାଙ୍କ ବିଶେଷ ବନ୍ଧୁଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରରେ ପହଂଚି ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଇସ୍ରାଏଲ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନ ଯାତ୍ରା ସ୍ଥାନ ବର୍ତ୍ତମାନ ବିଶ୍ୱରେ ସବୁଠାରୁ ଅଧିକ ଟ୍ରାକ୍ ହେଉଛି । ବିଶ୍ୱରେ ବିମାନ ଗତିବିଧିକୁ ଟ୍ରାକ୍ କରୁଥିବା ଏକ ଲୋକପ୍ରିୟ ଅନଲାଇନ୍ ପ୍ଲାଟଫର୍ମ, ଫ୍ଲାଇଟ୍ ରାଡାରର ତଥ୍ୟ ଦର୍ଶାଉଛି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିମାନ ଗତିବିଧି ବର୍ତ୍ତମାନ ବିଶ୍ୱରେ ସବୁଠାରୁ ଅଧିକ ଟ୍ରାକ୍ ହେଉଛି । ପ୍ରକୃତରେ, ପ୍ରୋଟୋକଲକୁ ଅଣଦେଖା କରି ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏକ ସ୍ୱତନ୍ତ୍ର ଉପାୟରେ ସ୍ୱାଗତ କରିଥିଲେ । ବିମାନବନ୍ଦରରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କର ନଅ ବର୍ଷ ମଧ୍ୟରେ ଦ୍ୱିତୀୟ ଇସ୍ରାଏଲ ଗସ୍ତ, ଯେଉଁଠାରେ ସେ ଇସ୍ରାଏଲୀ ସଂସଦକୁ ମଧ୍ୟ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଇସ୍ରାଏଲୀ ସଂସଦ, ନେସେଟ୍‌କୁ ମଧ୍ୟ ସମ୍ବୋଧିତ କରିବେ । ତାଙ୍କ ଗସ୍ତ ସମୟରେ ସେ ଜେରୁସାଲେମ ମଧ୍ୟ ଯିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଇସ୍ରାଏଲ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି । ପୂର୍ବରୁ, ପ୍ରଧାନମନ୍ତ୍ରୀ ୨୦୧୭ରେ ଇସ୍ରାଏଲ ଗସ୍ତ କରିଥିଲେ ।

## ମାର୍ଚ୍ଚ ପ୍ରଥମ ସପ୍ତାହରେ ରତ୍ନ ଭଣ୍ଡାର ଗଣତି ମଣତି : ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ପୁରୀ: ପୁରୀରେ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାରରେ ଥିବା ମୂଲ୍ୟବାନ ସାମଗ୍ରୀର ଗଣତି ମଣତି ମାର୍ଚ୍ଚ ପ୍ରଥମ ସପ୍ତାହରେ ଆରମ୍ଭ ହେବ ବୋଲି ବୁଧବାର ଦିନ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ତେବେ ରତ୍ନ ଭଣ୍ଡାରର ମୂଲ୍ୟବାନ ଜିନିଷଗୁଡ଼ିକର କୌଣସି ମୂଲ୍ୟାଙ୍କନ କରାଯିବ ନାହିଁ ବୋଲି ମଧ୍ୟ କୁହାଯାଇଛି । ମନ୍ଦିର ପରିଚାଳନା କମିଟି ଏବଂ ପ୍ରଶାସନକୁ ଏହି ପ୍ରକ୍ରିୟା ସମ୍ପାଦନ କରିବାର ଦାୟିତ୍ୱ ଦିଆଯାଇଥିବା ନେଇ ସେ କହିଛନ୍ତି ।ତେବେ ଛତିଶା ନିଯୋଗ ସହିତ ମନ୍ଦିର ପ୍ରଶାସନ ଆଲୋଚନା କରିବା ପରେ ତାରିଖ ଚୂଡ଼ାନ୍ତ ହେବ ଓ ଏହି ସମୟରେ ଦେବତା ଏବଂ ଭକ୍ତଙ୍କ ଦର୍ଶନର ଦୈନନ୍ଦିନ ନୀତିରେ ଯେପରି କୌଣସି ବାଧା ନଘଟେ ତାହା ମଧ୍ୟ ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି । ଜାନୁଆରୀ ୨୭ ତାରିଖରେ ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକ୍ରମେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ଯେଉଁଥିରେ ରାଜ୍ୟ ସରକାରଙ୍କୁ ତିନି ମାସ ମଧ୍ୟରେ ତାଲିକା ଏବଂ କ୍ରସ୍-ଭେରିଫିକେସନ୍ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମଙ୍ଗଳବାର ଦିନ ଶ୍ରୀମନ୍ଦିର ପ୍ରଶାସନ ତତ୍ତ୍ୱାବଧାନ ଏବଂ ପରିଚାଳନା ଭାବରେ ଦୁଇଟି ଦଳ ଗଠନ କରିଥିଲା । ଉଭୟ ଝଓିଞ୍ଜଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ଅନୁମୋଦିତ ୧୪ ପୃଷ୍ଠାର ଝଙଚ ଅନୁଯାୟୀ କାର୍ଯ୍ୟକାରୀ ହେବ ଓ ଏଥିପାଇଁ ୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ମୁଖ୍ୟ ପ୍ରଶାସକ, ରତ୍ନ ଭଣ୍ଡାର ଉପରେ ପୂର୍ବରୁ ଗଠିତ ଉଚ୍ଚସ୍ତରୀୟ କମିଟିର ଦୁଇ ସଦସ୍ୟ ଏବଂ ରତ୍ନ ଭଣ୍ଡାର ସବ-କମିଟିର ଜଣେ ସଦସ୍ୟଙ୍କୁ ନେଇ ଗଠିତ ପ୍ୟାନେଲ ସମଗ୍ର ପ୍ରକ୍ରିୟାର ତଦାରଖ କରିବେ ।

## ବଢ଼ିବ ଧାନକିଣା ଅବଧି : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର : ଧାନକିଣା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ବଡ଼ ସୂଚନା ଦେଇଛନ୍ତି । ଟୋକନ ସମୟ ସମାପ୍ତ ହୋଇଗଲେ ମଧ୍ୟ ଆଉ ୧୫ ଦିନ ପର୍ଯ୍ୟନ୍ତ ଏହି ଅବଧି ବଢ଼ାଯିବ । ରାଜ୍ୟରେ ସମସ୍ତ ଜିଲାପାଳ ଏହି ଅବଧି ସମୟ ବଢ଼ାଇ ପାରିବେ । ବିଳମ୍ବ କିମ୍ବା ସମସ୍ୟା ଯୋଗୁ ରାଜ୍ୟର ଚାଷୀଙ୍କୁ ବାଦ୍ ଦିଆଯିବ ନାହିଁ । ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନକିଣା ଜାରି ରହିବ ବୋଲି ମନ୍ତ୍ରୀ କହିଛନ୍ତି । ଏହା ଅର୍ଥ ଧାନ କିଣା ଅବଧି ଆବଶ୍ୟକତା ଅନୁଯାୟୀ ବୃଦ୍ଧି ପାଇବ, ଯାହାଦ୍ୱାରା ଚାଷୀମାନେ ସୁବିଧା ପାଇବେ । ପୂର୍ବରୁ ଧାନ କ୍ରୟ ପ୍ରକ୍ରିୟାରେ କିଛି ବିଳମ୍ବ ଓ ଅଭିଯୋଗ ଥିବାବେଳେ, ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ସରକାର ସବୁ ଧାନ ଉଠାଇବାକୁ ପ୍ରତିବଦ୍ଧ । ମିଲର୍ସ ଓ ଚାଷୀଙ୍କ ସହ ଆଲୋଚନା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି । ଚଳିତ ସିଜନ୍‌ରେ ଧାନ ଉତ୍ପାଦନ ଅଧିକ ହୋଇଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି । ଚାଷୀମାନେ ଚିନ୍ତା କରନ୍ତୁ ନାହିଁ । ସରକାରୀ ଏମଏସ୍‌ପି ଅନୁଯାୟୀ ଧାନ ବିକ୍ରି ସୁନିଶ୍ଚିତ ହେବ ।

## କିଶୋରୀ ଓ ମହିଳାଙ୍କୁ ମାଗଣାରେ ମିଳିବ ଜରାୟୁ କ୍ୟାନ୍‌ସର ସଞ୍ଜିବନୀ : ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟରେ କିଶୋରୀମାନଙ୍କୁ ସର୍ଭିକାଲ କ୍ୟାନ୍ସର ଟିକା ଦିଆଯିବ । ଫେବୃଆରୀ ୨୮ ତାରିଖରୁ ସାରା ଦେଶରେ ଟିକାକରଣ ଆରମ୍ଭ ହେବ । ରାଜ୍ୟରେ ଟିକାରକଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । କେନ୍ଦ୍ର ସରକାର ଦେଶରେ ମହିଳା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଉଛନ୍ତି । ଏହି ପଦକ୍ଷେପ ଅନ୍ତର୍ଗତ, ସାରା ଭାରତରେ ଐଚଠ (ହ୍ୟୁମାନ୍ ପାପିଲୋମାଭାଇରସ୍) ଟୀକାକରଣ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏହାର ଲକ୍ଷ୍ୟ ହେଉଛି ସମୟ ମଧ୍ୟରେ ଝିଅମାନଙ୍କୁ ସର୍ଭାଇକାଲ୍ କର୍କଟରୁ ସୁରକ୍ଷା ଦେବା । ଓଡ଼ିଶାରେ ମଧ୍ୟ କିଶୋରୀ ଓ ମହିଳାଙ୍କ ପାଇଁ ବଡ଼ ଆଶ୍ୱସ୍ତି ମିଳିଛି । ମହିଳାଙ୍କୁ ମିଳିବ 'ଜରାୟୁ କ୍ୟାନସର' ସୁରକ୍ଷା କବଚ । ସମସ୍ତଙ୍କୁ ବ୍ୟୟ ବହୁଳ ଇଞ୍ଜେକ୍ସନ୍ ବା ଟିକା ମାଗଣା ଦିଆଯିବ ।ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଚ୍‌ପିଭି ଇଞ୍ଜେକ୍ସନ୍ ପ୍ରଦାନ ନେଇ ଶୁଭାରମ୍ଭ କରିବେ । ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି । ଏହା ମହିଳାଙ୍କୁ ସଞ୍ଜିବନୀ ଭଳି କାମ କରିବ ।ରାଜ୍ୟରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଜିଲ୍ଲାରେ ଟିକା ପ୍ରଦାନ କରାଯିବ ।ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୨୮ରେ ଏଚ୍‌ପିଭି ଭ୍ୟାକ୍‌ସିନ୍ ଦିଆଯିବ । ସେଥିପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ରୂପରେଖ ପ୍ରସ୍ତୁତ କରିଛି । ଏକ ସ୍ୱତନ୍ତ୍ର ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତି ଆରମ୍ଭ କରିଛି ।ଟିକା ପ୍ରଦାନ ଲାଗି ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । କେନ୍ଦ୍ର ସରକାର ଟିକା ପ୍ରଦାନ କରିଛନ୍ତି । ଏହି ଟିକା ଦୁଇ ଦିନ ଭିତରେ ଓଡ଼ିଶାରେ ପହଂଚିବ । ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ କିଶୋରୀଙ୍କ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି ।

## ଅଳ୍ପରେ ଖବର

» ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ମନିଟର ଶ୍ରୀ ବାଲକ୍ରୀଷ୍ଣ ଗୋଏଲ ୬ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଂଚିଛନ୍ତି ।

» ସ୍ୱୟଂସେବକ ବଲରାଜ ମଧୋକ ଜୀଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମାତୃଭୂମିର ସେବା ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ତାଙ୍କର ନିଷ୍ଠା ଓ ଆଦର୍ଶ ସର୍ବଦା ପ୍ରେରଣାଦାୟୀ ହୋଇ ରହିବ ।

## ଅଦିନିଆ ବର୍ଷାରେ ଭିଜିଲା ଅଧା ଓଡ଼ିଶା, ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର : ଅଦିନିଆ ବର୍ଷାରେ ଭିଜିଲା ଅଧା ଓଡ଼ିଶା । ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ସଂଲଗ୍ନ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା ହୋଇଛି । ଗତକାଲି କିଛି କିଛି ସ୍ଥାନରେ ଘଂଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ଝଟକା ପବନ ବି ଅନୁଭୂତ ହୋଇଥିଲା । ଗୋଟିଏ କି ଦୁଇଟି ସ୍ଥାନରେ କୁଆପଥର ମାଡ଼ ମଧ୍ୟ ହୋଇଛି । ଟୁଇନ ସିଟିରେ ପ୍ରବଳ ବର୍ଷାର ପ୍ରକୋପ ଯୋ ହୋର୍ଡିଂ ଭୁଶୁଡ଼ି ୨ ଜଣଙ୍କର ମୃତ୍ୟୁ ହୋଇଛି । ୫ରୁ ୬ଟି ଦୋକାନ ଘର କ୍ଷତିଗ୍ରସ୍ତ ହୋଇଛି । ଖବର ପାଇ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବିଭାଗ ପହଂଚିଥିଲେ । କେବଳ ୨ ଜଣଙ୍କର ମୃତ୍ୟୁ ହୋଇନି ବରଂ ହୋର୍ଡିଂ ତଳେ କିଛି ଜଣ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଉପକୂଳ ଓଡ଼ିଶା ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୂରଭଞ୍ଜ ଜିଲ୍ଲାରେ ପର୍ଶ୍ଚିମା ଝଡ଼ ପ୍ରଭାବ ଜାରି ରହିବ । ଆଜି ବି ଝଡ଼ ବର୍ଷା ପାଇଁ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ପରବର୍ତ୍ତୀ ସମୟରେ ପାଗରେ ପରିବର୍ତ୍ତନ ଆସିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟେ ସମୁଦ୍ର ପତନଠାରୁ ୧.୫ କିଲୋମିଟର ଉଚ୍ଚରେ ଉତର ଉପକୂଳ ଓଡ଼ିଶା ସଲଗ୍ନ ଗାଙ୍ଗେୟ ପର୍ଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଲଘୁଚାପ ଦୁର୍ବଳ ହେବା ଫଳରେ ରାଜ୍ୟରେ ପାଗ ଶୁଖିଲା ରହିବ । ଆଜି ମଧ୍ୟ ବର୍ଷାର ପ୍ରଭାବ କିଛି ଜିଲ୍ଲାରେ ରହିବ ।ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ୫ ଜିଲ୍ଲାରେ ବର୍ଷା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏସବୁ ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଏବଂ ଝଟକା ପବନ ସମ୍ଭାବନା ରହିଥିବା ଆକଳନ କରିଛି ପାଣିପାଗ ବିଭାଗ ।

## ପିଏମଏଫଏମଇ ଯୋଜନର ଅନୁମୋଦନ କମିଟି ବୈଠକରେ ଅଧକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ "ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଆନୁଷ୍ଠାନିକୀକରଣ (ପିଏମଏଫଏମଇ)ଯୋଜନା"ର କାର୍ଯ୍ୟକାରିତା ସଂପର୍କ ତରାଜ୍ୟସ୍ତରୀୟ ଅନୁମୋଦନ କମିଟିବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ କେନ୍ଦ୍ର ସରକାରଙ୍କ ପିଏମଏଫଏମଇ ଯୋଜନାର କାର୍ଯ୍ୟକାରିତା ଅବଧିକୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଯୋଜନା ମୂଳତଃ ୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ଏକ ବର୍ଷ ପାଇଁ ସମ୍ପ୍ରସାରଣ କରାଯାଇଛି, ଯାହାଦ୍ୱାରା ରାଜ୍ୟର ଅଧିକ ସଂଖ୍ୟକ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ଉପକୃତ ହୋଇପାରିବେ । ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଆନୁଷ୍ଠାନିକୀକରଣ କରି ସେମାନଙ୍କୁ ସଂଗଠିତ କ୍ଷେତ୍ରରେ ସାମିଲ କରିବା । ଏଥିପାଇଁ ଉଦ୍ୟୋଗୀମାନଙ୍କୁ କ୍ରେଡିଟ୍ ଲିଙ୍କ୍‌ଡ ସବସିଡି ପ୍ରଦାନ କରାଯିବା ସହ ଏଫଏସଏସଏଆଇଲାଇସେନ୍ସ, ଉଦ୍ୟମ ପଞ୍ଜୀକରଣ ଏବଂ ଜି.ଏସ.ଟି ପଞ୍ଜିକରଣ କ୍ଷେତ୍ରରେ ବୈଷୟିକ ସହାୟତା ଓ ଆନୁଷଙ୍ଗିକ ସବିଧା ଯୋଗାଇ ଦିଆଯାଉଛି । ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଅଂଶଧନ ୬୦:୪୦ ଅନୁପାତରେ ରହିଛି, ଯେଉଁଥିରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଜାତୀୟସ୍ତରରେ ଏବଂ ରାଜ୍ୟ ସ୍ତରରେ ଏମଏସଏମଇବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନା ମାଧମରେ କ୍ଷୁଦ୍ର ଉଦ୍ୟୋଗୀଙ୍କ ବ୍ୟକ୍ତିଗତ ୟୁନିଟ୍ ? ସ୍ଥାପନ ସହ ସାମୁହିକ ଭିତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯାଉଛି । ଯୋଜନାର ଅବଧି ବୃଦ୍ଧି ହେବା ଫଳରେ ଗ୍ରାମାଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଚାଷୀମାନଙ୍କୁ ନିଜର ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ, ପ୍ୟାକେଜିଂ ଓ ବଜାର ସୁବିଧା ଉନ୍ନତ କରିବା ପାଇଁ ସୁଯୋଗ ପ୍ରଦାନ କରିବ ।ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କ ପାଇଁ ବହୁବିଧ ଆର୍ଥିକ ଏବଂ ବୈଷୟିକ ସୁବିଧା ସୁଯୋଗ ରହିଛି । ବ୍ୟକ୍ତିଗତ ଉଦ୍ୟୋଗୀମାନଙ୍କୁ ନୂତନ ୟୁନିଟ୍ ସ୍ଥାପନ କିମ୍ବା ପୁରୁଣା ୟୁନିଟ୍‌ର ଆଧୁନିକିକରଣ ପାଇଁ ୩୫% ହାରରେ କ୍ରେଡିଟ୍ ଲିଙ୍କ୍‌ଡ ସବସିଡି ପ୍ରଦାନ କରାଯାଉଛି, ଯାହାର ସର୍ବାଧିକ ସୀମା ୧୦ ଲକ୍ଷ ଟଙ୍କା ରହିଛି । ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଏବଂ କ୍ଷୁଦ୍ର ଯନ୍ତ୍ରପାତି କିଣିବା ପାଇଁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତପ୍ରାରମ୍ଭିକ ଧନରାଶି ପୁଞ୍ଜି (ସିଡ୍ କ୍ୟାପିଟାଲ) ଏବଂ ସର୍ବାଧିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା ରହିଛି ।

# ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର:(ନି.ପ୍ର.)ଆଜି ବାଲେଶ୍ୱର ସ୍ଥିତ ଜିଲ୍ଲା ଅଡିଟୋରିଓମ ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ବାଲେଶ୍ୱର ମିଳିତ ସହଯୋଗ ରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସଂପର୍କିତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ସହିତ ଏସଂପର୍କରେ ସୂଚନା ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ଶୂନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ସମୟରେ ବନାଗ୍ନି, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ନିମନ୍ତେ ପଦକ୍ଷେପ ନେବା ପାଇଁ ଜିଲ୍ଲା ବନ୍ୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ସ୍କୁଲ ଗୁଡିକରେ ଜଳ ବିରତି ପାଇଁ ଜଳ ଘଂଟି ର ବ୍ୟବସ୍ଥା କରିବାପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଠା ଜଳ ସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଧାରିତ ସମୟ ମଧ୍ୟରେ ଜଳ ଉଠେଇବା ଏବଂ ଜଳର ସୁପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ସହ ଅନ୍ୟାନ୍ୟ ବିଭାଗର ପଦକ୍ଷେପ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ ଜିଲାପାଳ ଗ୍ରାମ ଂଚଳରେ ପାନୀୟଜଳ ସମ୍ପର୍କିତ ଅଭିଯୋଗ ପାଇବାର ୨୪ ଘଂଟା ମଧ୍ୟରେ ନଳକୂଅ କାର୍ଯ୍ୟକ୍ଷମ କରିବା, ଯେଉଁଠି ନଳରୂପର ବ୍ୟବସ୍ଥା ହୋଇପାରୁନାହିଁ ସେହି ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେଭଳି ପଂଚାୟତ, ଏନ୍ ?ଏସି ପୌର ପରିଷଦ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜନଗହଳି ଅଂଚଳରେ ଜଳଛତ୍ର ଖୋଲିବା, ପିଏଚସି ,ସିଏଚସି ଉପଖଣ୍ଡ ଓ ସଦର ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରିତ କୋଠରି ବ୍ୟବସ୍ଥା, ଯଥେଷ୍ଟ ପରିମାଣର ଓଆ ?ଏସ୍ ଏବଂ ଆବଶ୍ୟକ ଔଷଧ ମହଜୁଦ ରକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ, କୁହାଯାଇଥିଲା । ଶ୍ରମିକମାନେ ଯେପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖରାରେ କାର୍ଯ୍ୟ ନ କରନ୍ତି ତାହା ଦେଖିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଧ୍ୟାନଦେବାକୁ ଟ ପି ଏ ନ ଓ ଡି ଏ ଲ ? ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଗ୍ରୀଷ୍ମପ୍ରବାହ ସମୟରେ ହେଉଥିବା କାଳବୈଶାଖୀ ର ମୁକାବିଲା ନିମନ୍ତେ ସତର୍କ ରହିବ ପାଇଁ ଜିଲ୍ଲାପାଳ ଏନ.ଡି.ଆର.ଏଫ ଓ ଓ.ଡ୍ରା.ଫ ବାହିନୀକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ଏବଂ କାଳବୈଶାଖୀର ସଠିକ ତଥ୍ୟ ଗୁଡିକର ଆଦାନ ପ୍ରଦାନ ନିମନ୍ତେ ନିମନ୍ତେ ସତର୍କ ଆପ ର ବ୍ୟବହାର କରିବା ଲାଗି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ । ଜନସାଧାରଣମାନଙ୍କର ଗ୍ରୀଷ୍ମପ୍ରବାହ ସମ୍ବଧୀୟ ଅଭିଯୋଗ ଗୁଡିକର ଶୁଣାଣି ନିମନ୍ତେ ଜିଲ୍ଲା ଜରୁରୀ କାଳୀନ ନିୟନ୍ତ୍ରଣ କକ୍ଷର ଟୋଲ ଫ୍ରି ନମ୍ବର (୧୦୭୭) ଓ ବ୍ଲକ ନିୟନ୍ତ୍ରଣ କକ୍ଷର ଜରୁରୀ କାଳୀନ ନମ୍ବର ଗୁଡିକର ଡିସ୍ପ୍ଲେ କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଶ୍ରୀ ହେମନ୍ତ କୁମାର ସିଂ, ଅତିରିକ୍ତ ଜିଲାପାଳ(ସାଧାରଣ) ଶ୍ରୀ ସୁଧାକର ନାୟକ ଉପ ଜିଲ୍ଲାପାଳ, ନୀଳଗିରି, ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ.ଡି.ଆର.ଏଫ ,ଓ.ଡ୍ରା.ଫ ବାହିନୀ, ସ୍ୱେଛାସେବି ସଂଗଠନ, ଆପଦ ମିତ୍ର ସ୍ୱେଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏବଂ ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



ୱାଟର ବେଲ ବା 'ଜଳପାନ ଘଂଟି' ମାର୍ଚ୍ଚ ୧ ରୁ ୩୦ ଜୁନ୍ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ମାନଙ୍କରେ ଲାଗୁ ହେବ । ହିଟ୍ ୱେଭ୍ ସମ୍ପର୍କିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ସମସ୍ତ ସ୍କୁଲ ର ପ୍ରଧାନ ଶିକ୍ଷକ ଓ ପ୍ରିନ୍ସିପାଲ ମାନଙ୍କୁ ଚିଠି ଯୋଗେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଏକ ଘଂଟା ରେ ୨/୩ ମିନିଟ ପାଇଁ ଜଳ ପାନ ପାଇଁ ପିଲାମାନଙ୍କୁ କୁହାଯିବ ।

# ଯକ୍ଷ୍ମା ରୋଗୀମାନଙ୍କୁ ଖାଦ୍ୟ ପ୍ୟାକେଟ ବଂଟନ କରାଗଲା



ବାଲେଶ୍ୱର,(ନି.ପ୍ର.) ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖା ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲାର ଚିକିତ୍ସାଧୀନ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଠାରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖାର ସଚିବ ଶ୍ରୀ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀଯୁକ୍ତ ଚକ୍ରଧର ଜେନା ପରିଚାଳନା କରିଥିବା ବେଳେ ଜିଲ୍ଲା ଜରୁରକାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ରାଜେଶ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ମନୋଜ କୁମାର ସାହୁ, ଜିଲ୍ଲା କୁଷ୍ଠ ଅଧିକାରୀ ଡା. ସଂଜୀବ କୁମାର ପ୍ରଧାନ ଓ ରାଜ୍ୟ ଯକ୍ଷ୍ମା ଅଧିକାରୀ ଡା. ଅର୍ଘ୍ୟ ପ୍ରଧାନ ଉପସ୍ଥିତ ଥିଲେ । ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ଜିଲ୍ଲାରେ ୧୫୮୩ ଜଣ ଯକ୍ଷ୍ମା ରୋଗୀଙ୍କୁ ଏହି ପୁଷ୍ଟିକର ଖାଦ୍ୟ ପ୍ୟାକେଟ ଆଗାମୀ ୬ ମାସ ପର୍ଯ୍ୟନ୍ତ ବଂଟନ କରାଯିବ । ଏହା ଦ୍ୱାରା ଜିଲ୍ଲାରେ ସମସ୍ତ ଯକ୍ଷ୍ମା ରୋଗୀ ପୁଷ୍ଟିକର ଖାଦ୍ୟ ପାଇପାରିବେ ଏବଂ ଉପକୃତ ହେବେ । ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାର ୨୫ ଜଣ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ପ୍ୟାକେଟ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନିଲେଶ ପଟ୍ଟନାୟକ, ଶରତ ଦାସ ମହାପାତ୍ର, କବି ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥଲେ । ସର୍ବଶେଷରେ ଜିଲ୍ଲା ଯକ୍ଷ୍ମା ସଂଯୋଯୋକ ବିଶ୍ୱରଂଜନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଯକ୍ଷ୍ମା ରୋଗୀଙ୍କୁ ସୋଉଳ, ମାଗୁର, କଉ, ଗଡ଼ିଶ ଇତ୍ୟାଦି ଦେଶୀ ମାଛ କାଗଜପତ୍ରରେ ଖାଇବାକୁ ଦିଆଯାଉଥିବା ବେଳେ ଏବେ କିଟ୍ ପ୍ରଦାନ କରାଯିବା ବାସ୍ତବରେ ସରକାରଙ୍କ ଅଭିନନ୍ଦନୀୟ ପଦକ୍ଷେପ ।

# ଜଟିଳ ଲିଭର ରୋଗୀଙ୍କ ପାଇଁ ଆଶାର ଆଲୋକ




ବାଲେଶ୍ୱର : (ନି.ପ.) ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ପ୍ରେସ୍ ? ମିଟ୍ ?ରେ ଲିଭର୍ ପ୍ରତ୍ୟାରୋପଣ କ୍ଷେତ୍ରରେ ମଣିପାଲ ହସ୍ପିଟାଲ ନୂତନ ମାଇଲଷ୍ଟୋନ୍ ? ତିଆରି କରିଥିବା କୁହାଯାଇଛି । ଓଡିଶାରେ ବଢୁଥିବା ଫ୍ୟାଟି ଲିଭର୍ ଓ ଲିଭର୍ ଜନିତ ଗୁରୁତର ଅବସ୍ଥା ଘଇଝଐ ରୋଗ ନେଇ ଚିନ୍ତା ପ୍ରକାଶ ପାଇଥିବା ବେଳେ, ପ୍ରାୟ ପ୍ରତ୍ୟେକ ତିନି ଜଣରୁ ଜଣେ ବ୍ୟକ୍ତି ଫ୍ୟାଟି ଲିଭରରେ ପୀଡ଼ିତ ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ରାଜ୍ୟରେ ଲିଭର ସିରୋସିସ୍ ?ର ପ୍ରକୋପ ପ୍ରାୟ ୧୬.୭ ଶତଂଶ ଥିବା ଜଣାପଡ଼ିଛି ।ଅଧିକାଂଶ ରୋଗୀ ଶେଷ ଅବସ୍ଥାରେ ଚିହ୍ନଟ ହେଉଥିବାରୁ ସମୟ ଅନୁସାରେ ଚିକିତ୍ସା ଓ ଟ୍ରାନ୍ସପ୍ଲାଂଟ୍ ?ର ଗୁରୁତ୍ୱ ବିଷୟରେ ଡାକ୍ତରମାନେ ଉଲ୍ଲେଖ କରିଥିଲେ । ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଂଟ୍ ସର୍ଜନ ଡାକ୍ତର ରାଜ ଶେଖର କେ କହିଲେ ଯେ, ଗୁରୁତର ଅବସ୍ଥାରେ ଲିଭର ଟ୍ରାନ୍ସପ୍ଲାଂଟ୍ ସବୁଠାରୁ କାର୍ଯ୍ୟକାରୀ ଉପଚାର ଏବଂ ବର୍ତମାନ ସଫଳତା ହାର ୯୫ ଶତଂଶରୁ ଅଧିକ । ମେଡିକାଲ ଗ୍ୟାଷ୍ଟ୍ରୋଏଂଟେରୋଲୋଜିଷ୍ଟ ଡାକ୍ତର ପ୍ରତାପ ବେହେରା କହିଲେ ଯେ, ଲିଭର ଟ୍ରାନ୍ସପ୍ଲାଂଟ୍ କେବଳ ଏକ ସର୍ଜରୀ ନୁହେଁ, ଏହା ରୋଗୀ ଓ ପରିବାର ସହ ଏକ ସମନ୍ୱିତ ଯାତ୍ରା । ଡାକ୍ତର ଜ୍ଞାନରଞ୍ଜନ ରାଉତ ମଧ୍ୟ କହିଲେ ଯେ, ଜଟିଳ ଲିଭର ସିରୋସିସ୍ ରୋଗୀଙ୍କ ପାଇଁ ଏହା ଏକ ଜୀବନରକ୍ଷାକାରୀ ବିକଳ୍ପ । ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରାନ୍ସପ୍ଲାଂଟ୍ ? ହୋଇଥିବା ରୋଗୀମାନେ ନିଜ ଅନୁଭବ ସେୟାର କରିଥିଲେ । ଅନୁଗୁଳର ଶ୍ରୀ ସୁଧୀର ଭୁଟିଆ, ଶ୍ରୀ ମୁନା ସାହୁ ଓ କେନ୍ଦ୍ରାପଡାର ଶ୍ରୀ ସୂର୍ଯ୍ୟକାନ୍ତ ସାମଲ ତାଙ୍କର ଦ୍ୱିତୀୟ ଜୀବନ ପାଇଁ ପରିବାର ଓ ଡାକ୍ତରମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସମୟମତେ ଚିକିତ୍ସା ନେବାକୁ ସେମାନେ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।ହସ୍ପିଟାଲ ସୂତ୍ରରୁ ପ୍ରକାଶ ଯେ, ଏ ପର୍ଯ୍ୟନ୍ତ ୬୦୦ରୁ ଅଧିକ କିଡନି ଟ୍ରାନ୍ସପ୍ଲାଂଟ୍ ମଣିପାଲରେ ସଫଳତାର ସହ କରାଯାଇଛି । ଆଗାମୀ ଦିନରେ ହାର୍ଟ ଟ୍ରାନ୍ସପ୍ଲାଂଟ୍ ସେବା ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟରେ ଉନ୍ନତ ଅଙ୍ଗ ପ୍ରତ୍ୟାରୋପଣ ସେବାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

# ନେସ୍କୋ ପାୱାର ୟୁନିୟନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ବାଲେଶ୍ୱର (ନି.ପ୍ର.) ଦିବା ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାଲିଆ ସ୍ଥିତ NESCO Power Employees Union ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଶ୍ରୀଯୁକ୍ତ Jagdish Chandra Behera (ଚେୟାରମ୍ୟାନ୍)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନ ଓ ସେଂଟ୍ରାଲ ଇଲେକ୍ଟ୍ରିକାଲ ଡିଭିଜନର ଶତାଧିକ ସଭ୍ୟ ଏଥିରେ ଉପସ୍ଥିତ ଥିଲେ । ମଂଚାସୀନ ନେତୃମଣ୍ଡଳୀ ମଧ୍ୟରେ ଜଗଦୀଶ ଚନ୍ଦ୍ର ବେହେରା (ଚେୟାରମ୍ୟାନ୍), ଆଶୀଷ ଦେ (Asst. General Secretary), ଅକ୍ଷୟ କୁମାର ? (Asst. General Secretary), (Convener), ୬୦୦୧ (Asst. General Secretary), ବେହେରା (କୋଷାଧ୍ୟକ୍ଷ ଓ




ଅଫିସ ସମ୍ପାଦକ), ରବିନ୍ଦ୍ର ନାଥ ବେରା, ସତ୍ୟନାରାୟଣ ବେହେରା, ହରିଶଙ୍କର ଦାସ, ରାମଚନ୍ଦ୍ର ସାସମଲ, ରାମକୃଷ୍ଣ ପାତ୍ର ଓ ରମାକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ସର୍କଲ ଅଧୀନରେ ଥିବା ପାଂଚଟି ଡିଭିଜନର ନେତୃମଣ୍ଡଳୀ ମଧ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଇୟୁନିୟନର ପଦବୀକୁ ନେଇ ଥିବା ଦ୍ୱନ୍ଦ ଗତ ତା-୦୮/୦୨/୨୦୨୬ ରିଖରେ ହୋଇଥିବା ଏକଜିକ୍ୟୁଟିଭ ମେମ୍ବର ବୈଠକରେ ସମାଧାନ ହୋଇଥିବା ସୂଚନା ଦିଆଯାଇଥିଲା । ଦୁଇଜଣ ସାଧାରଣ ସମ୍ପାଦକଙ୍କୁ ନେଇ ଥିବା କେସ ମଧ୍ୟ ପ୍ରତ୍ୟାହାର (withdrawal) ହୋଇଥିବା ଜଣାଯାଇଥିଲା । ଏଥିସହ ଶ୍ରମିକମାନଙ୍କ ଦାବିକୁ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଏକ ଝଗ୍ବରରକ୍ସଭଶ ଉକ୍ଟଞ୍ଜଜ୍ଞସପ୍ଗରର ଗଠନ ହୋଇଥିବା ସୁଚନା ଦିଆଯାଇଥିଲା ।ସଭାରେ ସଭ୍ୟ ମାନ ଙ୍କର ସମସ୍ତ ଅଭିଯୋଗ ଶୁଣାଯାଇବା ସହିତ ସେଗୁଡିକର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ବିଶେଷଭାବେ ଞବସ୍ପବ ଚକ୍ଟଙ୍ଗରକ୍ସ ଏବଂ ଏହାଅଧୀନରେ କାର୍ଯ୍ୟରତ ବିଭିନ୍ନ ଏଜେନ୍ସୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଶ୍ରମିକ-ମାରଣା ନୀତିକୁ ମଂଚାସୀନ ନେତୃମଣ୍ଡଳୀ ତିବ୍ର ଭାବେ ସମାଲୋଚନା କରିଥିଲେ । ବିଭିନ୍ନ ଆଳ ଦେଖାଇ ଶ୍ରମିକ ଛଟେଇକୁ କେବେ ବି ବରଦାସ୍ତ କରାଯିବ ନାହିଁ ବୋଲି ସଭାରେ ସ୍ପଷ୍ଟ ମତ ପ୍ରକାଶ ପାଇଥିଲା ।ଏହା ସହ ଆଗାମୀ ମାର୍ଚ୍ଚ ୬ ତାରିଖରେ ହେବାକୁ ଥିବା ପି.ଏଫ୍ ଟ୍ରଷ୍ଟ ଇଲେକ୍ସନରେ ଇୟୁନିୟନର ଏକଜିକ୍ୟୁଟିଭ ମେମ୍ବର ବୈଠକରେ ପାସ୍ ହୋଇଥିବା ରେଜଲୁସନ ଆଧାରରେ ଏକମାତ୍ର ପ୍ରାର୍ଥୀ **Debashish Panda** (ଲାଇନମ୍ୟାନ୍ -ଏ) ଏବଂ ସମସ୍ତ ପ୍ରାର୍ଥୀ Santosh Kumar Agasti (ଡେପୁଟି ମ୍ୟାନେଜର-ଫାଇନାନ୍ସ)ଙ୍କୁ ଦଳମତ ନିର୍ବିଶେଷରେ ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ସଭ୍ୟମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ନେତୃମଣ୍ଡଳୀ ତାଙ୍କ ଭାଷଣରେ କହିଥିଲେ ଯେ, ବିଗତ ଦିନରେ ଟାଟା ମ୍ୟାନେଜମେଂଟ କେସର ଆଳ ଦେଖାଇ ଇୟୁନିୟନକୁ ଉପେକ୍ଷା କରିଥିଲା, ଏବେ ସେସବୁର ଯଥୋଚିତ ଉତର ଦେବାର ସମୟ ଆସିଛି । ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସମସ୍ତ ସଭ୍ୟଙ୍କୁ ଏକତ୍ରିତ ହୋଇ କାମ କରିବା ଏବଂ ଇୟୁନିୟନର ବାର୍ଷିକ ଧାର୍ଯ୍ୟ ଚାନ୍ଦା ଶୀଘ୍ର ପରିଶୋଧ କରିବାକୁ ଅନୁରୋଧ କରାଯାଇଥିଲା । ଏବଂ ସଭାରେ ଉପସ୍ଥିତ ସଭ୍ୟମାନେ କହିଥିଲେ ଯେ, କର୍ମଚାରୀମାନଙ୍କର ନ୍ୟାୟସଙ୍ଗତ ଦାବି ଓ ସମସ୍ୟାଗୁଡିକର ସମାଧାନ ତୁରନ୍ତ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତପ୍ରକାଶପାଇଥିଲା ।

# କେଶୀପୁର ଠାରେ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସମାପ୍ତ ଦାବିରେ ଧାରଣା

ବାଲେଶ୍ୱର(ନି.ପ୍ର.)ଫୁଲାଡି ନିକଟବର୍ତୀ କେଶିପୁର ରେ ବିଜୁ ସେତୁ ଯୋଜନା ରେ ଅଠର କୋଟି ଟଙ୍କା ବ୍ୟୟ ଅଟକଳ ରେ ବୁଢା ବଳଙ୍ଗ ଉପରେ ସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ଅଶି ଭାଗ ସରିଥିଲା. ଗତ ଦୁଇ ବର୍ଷ ହେଲା ଭାରତୀୟ ଜଳ ପଥ ଉନ୍ନୟନ ସଂସ୍ଥା ଏହି ନଦୀରେ ଜାହାଜ ଚଳା ଚଳ ର ଯୋଜନା



ଥିବାରୁ ପୋଲ କାମକୁ ବନ୍ଦ କରି ଚଳନ୍ତା ପୋଲ ନିର୍ମାଣ କରିବାକୁ ଓଡିଶା ସରକାର ଙ୍କ ଆର ଡି ବିଭାଗ ର ପ୍ରମୁଖ ସଚିବ ଙ୍କୁ ଚିଠି ଦେଇଛନ୍ତି. ତେଣୁ ପୋଲ ନିର୍ମାଣ ବନ୍ଦ ରହିଛି । ସେ ପଟେ ଏ ପ୍ରକାର ଚ ଳନ୍ତା ପୋଲ ନିର୍ମାଣ ର ଟେକନିକ ଠିକା ସଂସ୍ଥା ପାଖରେ ନାହିଁ କହି ଠିକାଦାର କାମ କରୁ ନାହାନ୍ତି. ତେଣୁ ପଂଚାୟତ ବାସୀ ଏବେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁ ଛନ୍ତି । ଏହି ପରିପ୍ରେକ୍ଷୀ ରେ ଆଜି ପୂର୍ବାହ୍ନ ଦଶ ଟା ରୁ ଫୁଲାଡି ଆଂଚଳିକ ଉନ୍ନୟନ ପରିଷଦ ର ଡାକରା ରେ ଏସ ଇ ଅଫିସ ଆଗରେ ଲୋକେ ଧାରଣା ଦେଇଛନ୍ତି ।

# କଦଳୀ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ: ୫ ଲକ୍ଷରୁ ଉର୍ଦ୍ଧ୍ୱ ସମ୍ପତି ଜଳିପୋଡି ପାଉଁଶ

ବାଲେଶ୍ୱର(ନି.ପ୍ର)କଦଳୀ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ । ବାଲେଶ୍ୱର ସହଦେବଖୁଂଟା ଥାନା ଫାଣ୍ଡି ଛକ ନିକଟ ଏକ କଦଳୀ ଗୋଦାମରେ ନିଆଁ ଲାଗି ୫ ଲକ୍ଷର ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ମହେନ୍ଦ୍ର ପରିଡାଙ୍କ କଦଳୀ ଗୋଦାମରେ ଅକସ୍ମାତ ନିଆଁ ଲାଗିଯାଇଥିଲା । ଗୋଦାମ ଘରେ ଥିବା କଦଳୀ କାନ୍ଧି, ନଡ଼ିଆ, ଇନଭେଟର, କ୍ୟାମେରା ଆଦି ସମସ୍ତ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଖବରପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଂଚି ନିଆଁ ଆୟତ କରିଥିଲେ ।

# ଚର୍ଚ୍ଚାରେ ଅଶୋକ ଆଢ୍ୟ

ବାଲେଶ୍ୱର(ନି.ପ୍ର.) ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସାତ ଦିନ ପୂର୍ବରୁ ବାଲେଶ୍ୱର ସଦର ବ୍ଲକ ଓ ଟାଉନ ସଭାପତି ଙ୍କ ନାମ ଘୋଷଣା କରିଛନ୍ତି । ଏହି ଦୁଇ ନିଯୁକ୍ତି ପରେ ଏବେ ସଦର ବ୍ଲକ କମିଟି ର କାର୍ଯ୍ୟକାରୀ ସଭାପତି ଓ ଟାଉନ କମିଟି ଗଠନ ପାଇଁ ପ୍ରସ୍ତୁ ତି ପର୍ବ ଆରମ୍ଭ ହୋଇଯାଇଛି । ଟାଉନ କମିଟି ରେ କାର୍ଯ୍ୟକାରୀ ସଭାପତି, ସମ୍ପାଦକ, ସହ ସମ୍ପାଦକ ପଦ ପାଇଁ ଅନେକ ଆଶାୟୀ ରହି ଥିବା ଚର୍ଚ୍ଚା ହେଉଛି । ତେବେ କାର୍ଯ୍ୟକାରୀ ସଭାପତି ଭାବେ ନୂତନ ସଭାପତି ମନୋଜ ରାଉତ କାହାକୁ ଭରସା କରିବେ ତାକୁ ନେଇ କଳ୍ପନା ଜଳ୍ପନା ଲାଗିରହିଥିଲେ ହେଁ ସେ ଏ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି. ।ତେବେ ଏହି ପଦ ପାଇଁ କାଉନ ସିଲର ଶେଖ ଶିବୁ, ସଞ୍ଜୟ ବେହେରା,କାଉନ ସିଲର କାର୍ତିକ ଚନ୍ଦ୍ର ସାହୁ ଏବଂ ଗତ ଥର କାଉନ ସିଲର ପ୍ରାର୍ଥୀ ହୋଇଥିବା ଅଶୋକ ଆଢ୍ୟ ପ୍ରମୁଖ ଆଶାୟୀ ଥିବା ଜଣା ପଡିଛି ।

# TPNODL ପକ୍ଷରୁ ନୈତିକତା ସପ୍ତାହ ପାଳନ

ବାଲେଶ୍ୱର(ନି.ପ୍ର.): ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ? (ଟିପିଏନଓଡ଼ିଏଲ) ପକ୍ଷରୁ ଟାଟା ଗ୍ରୁପର ପ୍ରତିଷ୍ଠାତା ଜେ.ଏନ ଟାଟାଙ୍କ ଜନ୍ମ ଜୟନ୍ତୀ କର୍ପୋରେଟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଛି । ଏହା ସହ ନୈତିକତା ସପ୍ତାହର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ସହ ସର୍ବଦା ନୀତି ଓ ଆଦର୍ଶରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏହା ସହ ଜେ.ଏନ ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ତଥା ଉପଭୋକ୍ତାମାନଙ୍କ ପ୍ରତି ସର୍ବଦା ସ୍ପର୍ଶକାତର ମନୋଭାବ ପ୍ରଦର୍ଶନ କରିବାକୁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ସର୍ବୋପରି ଏହି ଉତ୍ସବ କେବଳ ଜନ୍ମଜୟନ୍ତୀ ପାଳନ ନୁହେଁ, ବରଂ ପ୍ରତ୍ୟେକ କର୍ମଚାରୀଙ୍କୁ ଟାଟା ଗ୍ରୁପର ନୀତି, ଆଦର୍ଶ ଓ ସମାଜ ପ୍ରତି ଦାୟିତ୍ୱକୁ ରୋମନ୍ଥନ କରିବାର ଏକ ପ୍ରୟାସ ବୋଲି ମତ ରଖିଥିଲେ । ସେହିପରି ନୈତିକତା ସପ୍ତାହ ପାଳନ ଅବସରରେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ୍, କୁଇଜ୍ ଆଦି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ । କର୍ମଚାରୀମାନଙ୍କ ମଧ୍ୟରେ ନୀତି, ନୈତିକତା ଓ ପାରଦର୍ଶିତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିବା ବେଳେ ସପ୍ତାହର ଉଦଯାପନୀ ଦିବସରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ସିଏଫଓ ଶିଳାଦିତ୍ୟ ସେନଗୁପ୍ତା, ଚିଫ୍ ଅପରେସନ ନିଲେଶ ପୋଟଫଡେ, ଚିଫ୍ କମର୍ସିଆଲ ଜୟଦୀପ ରୟ, ଚିଫ୍ କଂଟ୍ରାକ୍ଟ ଭିପିନ ଚୌହାନ, ଫାଇନାନ୍ସ ଜିଏମ ସଂଜୀବ ସାହୁ, ହେଡ୍ ଏଚଆର ରମେନ୍ଦ୍ର ନାରାୟଣ ବର୍ଣିକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ

ନୟାଗଡ଼(ନିପ୍ର): ନୟାଗଡ଼ ବ୍ଲକର କାଳିକାପ୍ରସାଦ ପଂଚାୟତ ଅଧୀନ ସିପାହୀ ଅଶ୍ୱତ୍ଥିପା ଗ୍ରାମରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ୩ଦିନ ଧରି ଧୁମଧାମରେ ପାଳିତ ହୋଇଯାଇଛି । ଗ୍ରାମବାସୀଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରେ ନିର୍ମିତ ଭବ୍ୟ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଅଙ୍କୁରାରୋପଣ ଠାରୁ ଆରମ୍ଭ କରି ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଶେଷ ହୋଇଛି । ବ୍ରାହ୍ମଣ ସମାଜର ପୁରୋଧାମାନଙ୍କ ଦ୍ୱାରା ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ସହ ଦେବନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି କରାଯାଇଛି । ଏ ଅବସରରେ ନିକଟସ୍ଥ ନଦୀରୁ ପୂଜାର୍ଚ୍ଚନା କରି ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ , ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାସ, ବରିଷ୍ଠ ବିଜେପି ନେତା ସନ୍ତୋଷ ପ୍ରଧାନ, ବିଜେଡି ବ୍ଲକ୍ ସଭାପତି ଭଞ୍ଜକିଶୋର ମହାପାତ୍ର, ଭୁବନେଶ୍ୱର ହେଲଥ ଭିଲେଜ ହସ୍ପିଟାଲ ତରଫରୁ ଡଃ ରାମକୃଷ୍ଣ ପାତ୍ର,ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, କାଳିକାପ୍ରସାଦ ସରପଂଚଙ୍କ ପ୍ରତିନିଧି ଜଗନ୍ନାଥ ମହାପାତ୍ର, ପୂର୍ବତନ ସରପଂଚ କାଳୁଚରଣ ରାଉତ ପ୍ରମୁଖ ମନ୍ଦିର ପରିସରରେ ଉପସ୍ଥିତ ରହି ପ୍ରଭୁଙ୍କ କୃପା ଲାଭ କରିବା ସହିତ ଗ୍ରାମବାସୀମାନଙ୍କୁ ଉତ୍ସାହିତ କରିଥିଲେ । ଆଖପାଖ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିବା ବେଳେ ସମସ୍ତ ଅତିଥି ମାନଙ୍କୁ ଯୁବ ସାମ୍ବାଦିକ ଭାସ୍କର ଚନ୍ଦ୍ର ସ୍ୱାଇଁ (ବାପି)ଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଗ୍ରାମର ନୂତନ ସଭାପତି ଚନ୍ଦ୍ରମଣୀ ଗୌଡ଼ୁ, ସଂପାଦକ ନିର୍ମଳ ଚନ୍ଦ୍ର ସାହୁ, କୋଷାଧକ୍ଷ ପଙ୍କଜ କୁମାର ଗୌଡ଼ୁ ଓ କମିଟିର ସମସ୍ତ ସଭ୍ୟ , ନିମନ୍ତ୍ରିତ ପୁରୋହିତ, ମନ୍ଦିରର ପୂଜକ, ସାଂସ୍କୃତିକ କାର୍ଯ୍ୟକ୍ରମର ଶିକ୍ଷକ ଓ ଏକ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ମାନଙ୍କୁ ବାପିଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରାମବାସୀଙ୍କ ତରଫରୁ କରାଯାଇଥିଲା । ସମସ୍ତ ଗ୍ରାମବାସୀଙ୍କ ସହିତ ମୁଖ୍ୟତଃ କର୍ତ୍ତା ଗୋଲେଖ ଗୌଡ଼ୁ, ସମସ୍ତ ମୁଖ୍ୟ ଦାୟିତ୍ୱରେ ଥିବା କୃଷ୍ଣଚନ୍ଦ୍ର ଗୌଡ଼ୁ, ମହେଶ୍ୱର ମାଝୀ, ଶ୍ୟାମବନ୍ଧୁ ଗୌଡ଼ୁ, ସୁରେନ୍ଦ୍ର କୁମାର ସାହୁ, ଅଲେଖ କୁମାର ଗୌଡ଼ୁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଗ୍ରାମ ପରିଚାଳନା କମିଟି ସଭ୍ୟ ଆକୁଳ ଗୌଡ଼ୁ,ବାଜେନ୍ଦ୍ର ଗୌଡ଼ୁ,ମାଧବ ମହାପାତ୍ର, ପ୍ରହଲ୍ଲାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଭାରତୀୟ ମଜଦୁର ସଂଘ ୧୧ଦଫା ଦାବି ନେଇ ଧାରଣା

କଟକ(ନିପ୍ର): ଭାରତୀୟ ମଜଦୁର ସଂଘ, କଟକ ଜିଲ୍ଲା ପକ୍ଷରୁ ଶ୍ରମିକମାନଙ୍କର ସ୍ୱାର୍ଥ ଦୃଷ୍ଟିରେ ରଖି ୧୧ ଦଫା ଦାବି ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ ଏବଂ ଧାରଣା ଦିଆ ଯାଇଛି । ଭାରତୀୟ ମଜଦୁର ସଂଘ କେନ୍ଦ୍ରର ଆହ୍ୱାନ କ୍ରମେ ଆଜି ଦେଶବ୍ୟାପୀ ଆନ୍ଦୋଳନ କରାଯାଇଛି । କଟକ ଜିଲ୍ଲା ସଂଘ ପକ୍ଷରୁ ଗ୍ରାମାସଂଚଳ ଏସ୍.ପି. କାର୍ଯ୍ୟାଳୟଠାରେ ଧାରଣା ଦିଆଯାଇଛି, ଏଥିସହିତ ୧୧ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତର ପ୍ରଧାନ ମନ୍ତ୍ରୀ, କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମଜଦୁର ସଂଘର ରାଜ୍ୟ କର୍ମକର୍ତ୍ତା ବସନ୍ତ କୁମାର ସାହୁଙ୍କର ନେତୃତ୍ୱରେ ଶ୍ରମିକ ମାନେ ଧାରଣା ଦେଇଛନ୍ତି । ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକ ମାନଙ୍କ ପାଇଁ ଶ୍ରମଆଇନ କଡ଼ାକଡ଼ି କରାଯାଉ । ଶିଳ୍ପ ସମ୍ପର୍କ କୋଡ୍ ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋଡ୍ ୨୦ ୨୦ରେ ଥିବା ଶ୍ରମିକ ବିରୋଧ ନିୟମକୁ ତୁରନ୍ତ ସଂଶୋଧନ କରିବା, ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଶୀଘ୍ର ଭାରତୀୟ ଶ୍ରମ ସମ୍ମିଳନୀ ଡକାଯାଉ, କୁଶଳୀ ଶ୍ରମିକ ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରାଯାଉ । ଇ.ପି.ଏସ୍. ୯୫ରେ ଥିବା ସର୍ବନିମ୍ନ ପେନ୍‌ସନ୍, ୧୦୦୦ ଟଙ୍କାରୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯାଉ । ବ୍ୟାଙ୍କିଙ୍ଗ୍ ଶିଳ୍ପରେ ୫ ଦିନିଆ କାର୍ଯ୍ୟ ସପ୍ତାହ ଶ୍ରମିକ ସୁବିଧା ପାଇଁ. ଇ.ଏସ୍.ଆଇ. ଏବଂ ଇ.ପି.ଏଫ୍.ରେ ଥିବା ସୀମା ବୃଦ୍ଧି କରାଯାଉ ଇତ୍ୟାଦି ଦାବି କରାଯାଇଛି । ଧାରଣା ପରେ ରାଜ୍ୟ କର୍ମକର୍ତ୍ତା ବସନ୍ତ କୁମାର ସାହୁଙ୍କର ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଗତ ଫେବୃୟାରୀ ମାସ ୨୬ ତାରିଖ ଦିନ ଓଡ଼ିଶାର ପୁରୀଠାରେ ଅନୁଷ୍ଠିତ ୨୧ତମ ଅଧିଳ ଭରତୀୟ ଅଧିବେଶନରେ ଆଗତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ଦେଶବ୍ୟାପୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି । ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଭାରତୀୟ ମଜଦୁର ସଂଘର କଟକ ଜିଲ୍ଲା ସଭାପତି ଆଇନ ଜୀବୀର ମାକାନ୍ତ ସାହୁ, ସମ୍ପାଦକ ପ୍ରଭୁଦତ ମିଶ୍ର, କୋଷାଧକ୍ଷା ସବିତା ସାହୁ, ଚନ୍ଦ୍ରଶେଖର ସାହୁ, ବିନୋଦ ପତି, ଗୌରାଙ୍ଗ ଚରଣ ରଥ, ଅଶୋକ ସ୍ୱାଇଁ, ରବିନାରାୟଣ ସାହୁ, ପୁଷ୍ପଲତା ସୁବୁଦ୍ଧି ରାୟ ପୂର୍ବତନ କେନ୍ଦ୍ରୀୟ କର୍ମକର୍ତ୍ତା ପ୍ରମୋଦିନୀ ଦାସ, ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାହାର ନେତୃତ୍ୱ ନେଇଥିଲେ ।

# ଜଳସେଚନ ବିଭାଗରେ 'ମହାଘୋଟାଲା': ଦଲାଲଙ୍କ ଇସାରାରେ ନାଚୁଛନ୍ତି ଯନ୍ତ୍ରୀ, ମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନକୁ ଚ୍ୟାଲେଞ୍ଜ !



ଧାମନଗର(ନିପ୍ର): ଧାମନଗର ଜଳସେଚନ ବିଭାଗ ଏବେ ଦୁର୍ନୀତିର ଏକ 'ସୁରକ୍ଷିତ ଆଡ୍ଡା' ପାଲଟିଛି । ଯେଉଁଠି ସରକାରୀ ନିୟମ ନୁହେଁ, ବରଂ କିଛି ମୁଷ୍ଟି ମେୟ ଦଲାଲ ଓ ଅସାଧୁ ଠିକାଦାରଙ୍କ ନିର୍ଦ୍ଦେଶରେ ବିଭାଗୀୟ କାର୍ଯ୍ୟ ପରିଚାଳିତ ହେଉଛି । ଧାମନଗର ଭଳି ଏକ ସ୍ୱର୍ଣ୍ଣକାତର ବନ୍ୟା ପ୍ରବଣ ଅଂଚଳରେ ବିଭାଗର ଏଭଳି ମୂରବୀ ଶୂନ୍ୟ ଅବସ୍ଥା ଏବେ ସାଧାରଣ ଜନତାଙ୍କ ଜୀବନ ଓ ଜୀବିକା କୁ ବିପଦକୁ ଠେଲି ଦେଇଛି ।ଦୀର୍ଘ ଦିନ ଧରି ଧାମନଗର ଜଳସେଚନ ବିଭାଗରେ ଏସ.ଡି.ଓ ପଦବୀ ଖାଲି ପଡ଼ିବା ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ଅଂଶ ବୋଲି ଚର୍ଚ୍ଚା ହେଉଛି । ଜଣେ ବରିଷ୍ଠ ଅଧିକାରୀ ନଥିବାରୁ ତଳସ୍ତରର କିଛି କନିଷ୍ଠ ଯନ୍ତ୍ରୀ (ଔର) ଏବଂ ବାହାରର କିଛି ଦଲାଲ ମିଶି ମନମୁଖୀ ଶାସନ ଚଳାଇଛନ୍ତି । କୋଟି କୋଟି ଟଙ୍କାର ନଦୀବନ୍ଧ ମରାମତି ଓ ଘାଟ ନିର୍ମାଣ କାର୍ଯ୍ୟ ବିନା କୌଣସି ବୈଷୟିକ ତଦାରଖରେ ଶେଷ କରାଯାଉଛି, ଯାହା ବନ୍ୟା ସମୟରେ ପୁଣି ଧୋଇଯିବା ନିଶ୍ଚିତ । ମିଳିଥିବା ସୂଚନା ଅନୁଯାୟୀ, ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି: ଧୁଷୁରୀ ସେକ୍ସନ ର ଜେ.ଇ ବିମଳ ବେହେରା ସମ୍ପୂର୍ଣ୍ଣ ଭାବେ ଠିକାଦାର-ଦଲାଲ ଗୋଷ୍ଠୀର ହାତ ବାରିସି ସାଜି ନିମ୍ନମାନର କାମକୁ ପ୍ରଶ୍ରୟ ଦେଉଥିବା ବେଳେ ସରକାରୀ ପାଣ୍ଠିକୁ ହରିଲୁଟ ପାଇଁ ଉଦ୍ୟମ କରୁଛନ୍ତି । ?ସେଣ୍ଡପୁର ସେକ୍ସନ ଜେ.ଇ ସ୍ୱାଗତ ବେହେରାଙ୍କ ସାଧୁତା ଏବେ ତାଙ୍କ ପାଇଁ କାଳ ସାଜିଛି । ଦୁର୍ନୀତିକୁ ବିରୋଧ କରିବା ଏବଂ ଗୁଣବତା ବଜାୟ ରଖିବା ପାଇଁ ପରାମର୍ଶ ଦେଉଥିବାରୁ ତାଙ୍କୁ ସେଠାରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି । ଜଣେ କର୍ତ୍ତବ୍ୟ ନିଷ୍ଠ ଅଧିକାରୀଙ୍କୁ ବଦଳି କରିବାକୁ ଯୋଜନା କରି ବିଭାଗୀୟ ଦଲାଲମାନେ ସରକାରଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି ।ଧାମନଗର ନିର୍ବାଚନ ମଣ୍ଡଳୀ ହେଉଛି ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଙ୍କ ଗଡ଼ । ମନ୍ତ୍ରୀ ମହୋଦୟ ଅଂଚଳର ବିକାଶ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆଣୁଥିବା ବେଳେ ବିଭାଗୀୟ କିଛି 'ବିଭୀଷଣ' ଏହାକୁ ଲୁଟ୍ କରିବାରେ ଲାଗିଛନ୍ତି । ମନ୍ତ୍ରୀଙ୍କ ପାଖକୁ ସଠିକ୍ ତଥ୍ୟ ପହଁଚିବାକୁ ଦିଆଯାଉ ନାହିଁ । କିଛି ବ୍ୟକ୍ତି ବିଭାଗୀୟ ଅଧିକାରୀଙ୍କୁ ନିଜ ଇସାରା ରେ ଉଠ୍-ବସ୍ କରାଉଛନ୍ତି, ଯାହା ରାଜ୍ୟ ସରକାରଙ୍କ 'ଜିରୋ ଟୋଲରେନ୍ସ' ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଧାମନଗର, ଧୁଷୁରୀ ଓ ଆରଡ଼ି ଅଂଚଳର ଲୋକେ ଏବେ ଆତଙ୍କିତ । ଯଦି ନଦୀବନ୍ଧ ମରାମତିରେ ଟଂଚକତା କରାଯାଏ, ତେବେ ଆଗାମୀ ବନ୍ୟାରେ ହଜାର ହଜାର ହେକ୍ଟର ଚାଷଜମି ଓ ଶହ ଶହ ଗାଁ ଜଳମଗ୍ନ ହେବ । ତେଣୁ ମାନ୍ୟବର ମନ୍ତ୍ରୀ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଦାବି ହେଉଛି ।

# ଖରୀଆର ରୋଡ଼ ଠାରେ ଚାଲିଥିବା ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖରୀଆର ରୋଡ ଠାରେ ଚାଲିଥିବା ଖରୀଆର ରୋଡ ମହୋତ୍ସବ ର ତୃତୀୟ ସନ୍ଧ୍ୟା । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରି ମହୋତ୍ସବ ଅଂଚଳକୁ ଟାଣି ଆଣେ ସମୃଦ୍ଧ, ଉନ୍ନତ ଏବଂ ବିକାଶର ପଥ ପ୍ରଦର୍ଶକ ହୁଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରି ସାହୁ, ଖରୀଆର ରୋଡ ଏନ୍ ଏ ସି ଅଧକ୍ଷା ଡଃ. ସୋନିଆ ଜୈନ୍ ଅଭିନନ୍ଦନ ପଣ୍ଡା, ପାଳନ କମିଟି ସଦସ୍ୟଙ୍କ ଉପସ୍ଥିତି ରେ ମହୋତ୍ସବ ପାଳିତ ହୋଇଅଛି । ଓଡ଼ିଆ ସିନେ ଜଗତ ର ଗାୟିକା ଅର୍ଚ୍ଚନା ପାଢୀ ଙ୍କ ଗୀତ ରେ ଦର୍ଶକ ଝୁମିଲେ ।

# ସବାଇ ଘାସ ଉଦ୍ୟୋଗ ବିକାଶର ଛଅ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲିଆପାଳ(ନିପ୍ର): ବାଲିଆପାଳ ଶୁଭମ ଗେଷ୍ଟ ହାଉସ ସଭାଗୃହରେ ବୁଧବାର ସବାଇ କ୍ରାଫ୍ଟ ଉତ୍ପାଦକ କମ୍ପାନୀ ଲିମିଟେଡ଼ ଏବଂ ଡେଭଲପମେଂଟ କମିଶନର ହେଣ୍ଡିକ୍ରାଫ୍ଟ, ହସ୍ତତନ୍ତ ମନ୍ତ୍ରାଳୟ ଭାରତ ସରକାରଙ୍କ ସହଯୋଗିତାରେ ଛଅ ଦିନିଆ ସବାଇ ଘାସ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇ ଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବାଲିଆପାଳ ବିଡିଓ ରଧାରଞ୍ଜନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତ୍ୟରେ କହିଥିଲେ ଯେ ଗୃହ ଉଦ୍ୟୋଗ କେବଳ ରୋଜଗାରକ୍ଷମ କରେନି ବରଂ ଦେଶକୁ ଆଗେଇ ନେବାରେ ବଡ ଭୂମିକା ଗ୍ରହଣ କରିଥାଏ ।ଏହି ଅବସରରେ ଅନୁଷ୍ଠିତ ସଭାକୁ ସବାଇ କ୍ରାଫ୍ଟ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ମେନେଜିଙ୍ଗ ଡାଇରେକ୍ଟର ଅଜିତ କୁମାର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ଡାଇରେକ୍ଟର ଜଗନ୍ନାଥଙ୍କ ଦାସ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ହେଣ୍ଡିକ୍ରାଫଟ ପ୍ରମୋଶନ ଅଫିସର (ଡେଭଲପମେଂଟ କମିଶନ ଭୁବନେଶ୍ୱର ,ଏଚ୍ ଏସ୍ ସି) ବୀର ଭରତ ମାରାଣ୍ଡି ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ବାଲିଆପାଳ ବ୍ଲକ ମିଶନଶକ୍ତି କୋଡ଼ିନେଟର ଉତମ କୁମାର ସାହୁ, ପ୍ରଶିକ୍ଷକ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ ଓଡ଼ିଶା ସରକାରଙ୍କର ସୁବ୍ରତ କୁମାର ପଟ୍ଟନାୟକ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଅଂଶ ଗ୍ରହଣ କରିଥିବା ଗୃହ ଉଦ୍ୟୋଗୀ ମାନେ ନିଜକୁ ଜଣେ ଜଣେ ଉଦ୍ୟୋଗି ବୋଲି ପରିଚୟ ଦେବା ସହିତ ଅନ୍ୟକୁ ନିଜ ସହିତ ଯୋଡି ରୋଜଗାରକ୍ଷମ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି । ଏହି ପ୍ରଶିକ୍ଷଣ ଶିବିର ବୁଧବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସବାଇ କ୍ରାଫ୍ଟ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ମେନେଜିଙ୍ଗ ଡାଇରେକ୍ଟର ଶ୍ରୀ ରାଉତରାୟ ସୁଚନା ଦେଇଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୋର(ନିପ୍ର): ସୋର ପୌରପାର୍କିକାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏନଏସି ବାପୁ ନୋଡାଲ ଉଚ୍ଚ ବିଦ୍ୟା ପୀଠରେ ଅନୁଷ୍ଠିତ ହୋଇ ଯାଇଛି । ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପୌର ପାଳିକା ପାଇଁ ଅନୁଷ୍ଠିତ ଏହି ଶିବିରରେ ଅସ୍ଥିଶଲ୍ୟ ପାଇଁ ୯୬,ଆଖି ପାଇଁ ୨୬, ମାନସିକ ଅନଗ୍ରସର ୨୯ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ । ଏହି ଶିବିରରେ ଉପସ୍ଥିତ ବିଭାଗୀୟ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ ।

# ମିଳିଲା ମୃତକଙ୍କ ପରିଚୟ

ଜଗତସିଂହପୁର(ନିପ୍ର): ପାରାଦୀପ ଉପକଣ୍ଠ ଅଠରବାଙ୍କୀ ନିକଟସ୍ଥ ତାରିଣୀଗଡା ଶମ୍ଭୁନାଥ ଖୁିଆଙ୍କ ଘର ଖୁିଆ ନିବାସ ବିଲଡିଂରୁ ପଡି ମୃତ୍ୟୁ ଘଟଣା ଏକ ରୋଚକ ମୋଡରେ ପହଂଚିଛି । ଏହି ଘଟଣାରେ ବୁଧବାର ଦିନ ସକାଳେ ମୃତକଙ୍କ ଭାଇ ଓ ସମ୍ପର୍କୀୟମାନେ ପାରାଦୀପ ଆଦର୍ଶ ଥାନାରେ ପହଂଚିବା ପରେ ମୃତକଙ୍କ ପରିଚୟ ସାମ୍ନାକୁ ଆସିଛି । ଘଟଣାରେ ମୃତ୍ୟୁବରଣ କରିବା କରିଥିବା ମୃତକା ଜଣକ ତିର୍ତୋଲ ଥାନା ଅଧିନସ୍ଥ କୋଲର ନିକଟସ୍ଥ ଜୟପୁର ଗ୍ରାମର ବୋଲି ଜଣାପଡିଛି । ବୁଧବାର ଦିନ ପାରାଦୀପ ଆଦର୍ଶ ଥାନାରେ ମୃତକଙ୍କ ଭାଇ ଓ ସମ୍ପର୍କୀୟମାନେ ପହଂଚିଥିଲେ । ପୋଲିସ୍ ପକ୍ଷରୁ ସେମାନଙ୍କୁ ପାରାଦୀପ ବନ୍ଦର ଚିକିତ୍ସାଳୟ ଶବ ସଂଗ୍ରହାଳୟକୁ ନିଆଯାଇଥିଲା । ସେଠାରେ ପରିବାର ପକ୍ଷରୁ ମୃତଦେହ ଚିହ୍ନଟ ହେବା ପରେ ପୋଷ୍ଟମର୍ଟମ ପାଇଁ ପଠାଯିବା ପରେ ମୃତଦେହ ହସ୍ତାନ୍ତରିତ କରାଯାଇଛି । ମୃତକଙ୍କ ଭାଇଙ୍କ କହିବା ଅନୁସାରେ ତାଙ୍କ ଭଉଣୀ ରବିବାର ଦିନ ପ୍ରାୟ ୧୦ଟା ବେଳେ ମାଆ ଶାରଳାଙ୍କ ମନ୍ଦିରକୁ ଯାଉଥିବା କହି ଘରୁ ଆସିଥିଲେ । ଏହା ପରେ କେହି ଜଣେ ତାଙ୍କ ଘରକୁ ଫୋନ୍ କରିଥିଲେ ତୁମ ଝିଅକୁ ରାହାମା ବସ୍ ଷ୍ଟାଣ୍ଡରୁ ଆସି ନେଇଯାଅ । ଏହା ପରେ ତାଙ୍କ ଭଉଣୀର ମୋବାଇଲ୍ ସୁଇଚ୍ ଅଫ ହୋଇଥିଲା । ଭଉଣୀ ଘରକୁ ନଫେରିବାକୁ ପରିବାର ପକ୍ଷରୁ ତିର୍ତୋଲ ଥାନାରେ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରାଯାଇଥିଲା । ଘଟଣା ଘଟିଥିବା ତାରିଣୀଗଡା ଖୁିଆ ନିବାସ ଘରେ ପାରାଦୀପ ପୋଲିସ୍ ତଦନ୍ତ କରିବା ସମୟରେ ଏକ କୋଠରିର ତାଜା ଉପରୁ ପୋଲିସ୍ ସଂପୃକ୍ତ ଯୁବତୀଙ୍କ ମୋବାଇଲ୍ ପାଇଥିଲା । ପାରାଦୀପ ଆଦର୍ଶ ଥାନା ଅଧିକାରୀ ମୋବାଇଲ୍ ପାଇବା ପରେ ସଂପୃକ୍ତ ଯୁବତୀଙ୍କ ଘରକୁ ଫୋନ୍ କରି ଥାନାକୁ ଆସିବାକୁ କହିଥିବା ଯୁବତୀଙ୍କ ଭାଇ କହିଛନ୍ତି । ମୃଦେହ ଚିହ୍ନଟ କରିବା ପରେ ଯୁବତୀଙ୍କ ଭାଇ ପାରାଦୀପ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହି କୋଠରିରେ ଥିବା ୩ଜଣଙ୍କୁ ପୋଲିସ୍ ଅଟକ ରଖି ତଦନ୍ତ ଜାରୀ ରଖିଥିବା ଜଣାପଡିଛି । ସଂପୃକ୍ତ ଯୁବତୀ କିପରି କାହା ସାଙ୍ଗରେ ଏଠାକୁ ଆସିଲେ ସେ ନେଇ କୌଣସି ସଠିକ୍ ତଥ୍ୟ ତାଙ୍କ ଭାଇ ଦେଇ ପାରିନଥିଲେ । ପୋଲିସ୍ ତଦନ୍ତ ସହିତ ଶବ ବ୍ୟବଛେଦ ରିପୋର୍ଟ ଆସିଲେ ସଠିକ୍ ତଥ୍ୟ ଆସିବ ।

ରେଳ ମନ୍ତ୍ରଣାଳୟ
(ଦକ୍ଷିଣ ପୂର୍ବ ରେଳବାଇ)
ବିଜ୍ଞପ୍ତି
କୋଲକାତା, ୨୩ ଫେବୃଆରୀ, ୨୦୨୬

**ଏସ୍.ଓ. ୯୫୯(ଇ).**-ରେଳବାଇ ଆଇନ ୧୯୮୯ (୧୯୮୯ର ୨୪) ର ଧାରା ୨ ର ଧାରା (୩୭ଏ) ଦ୍ୱାରା ପ୍ରଦତ କ୍ଷମତା ପ୍ରୟୋଗ କରି କେନ୍ଦ୍ର ସରକାର ଏତଦ୍ୱାରା ଦକ୍ଷିଣ ପୂର୍ବ ରେଳବାଇ ଅଧୀନରେ **'ଖଡ଼ଗପୁର ଡିଭିଜନର ବାହାନଗା ବଜାର ରେଳ ଷ୍ଟେସନ ୟାର୍ଡରେ ମାନବଯୁକ୍ତ ଲେବଲ କ୍ରସିଂ ଖଉ ନମ୍ବର: ୯୪ ବଦଳରେ ରୋଡ୍ ଓଭର ବ୍ରିଜ୍ ନିର୍ମାଣ ପ୍ରସ୍ତାବିତ'** ନାମକ ରେଳ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ସୂଚିତ କରୁଛନ୍ତି, ଯାହା ରେଳ/ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଏବଂ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ସାଧାରଣ ଉଦ୍ଦେଶ୍ୟ ପାଇଁ ଜାତୀୟ ଭିଲିଭୂମି ପ୍ରଦାନ କରିବା ପାଇଁ ଓଡ଼ିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ କାର୍ଯ୍ୟକାରୀ ହେବ ।
**(PR-1236)** (ଏଫ୍ ନଂ. ଏସ୍‌ଇଆର/ଏଚ୍‌କ୍ୟୁ/ଆରଏସ୍‌ଡବ୍ଲ୍ୟୁ/ଓଡ଼ିଶା/୩୩୦)
ରାଜେଶ ଅଗ୍ରୱାଲ, ପ୍ରମୁଖ ମୁଖ୍ୟ ଯନ୍ତ୍ରୀ

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*

19001/53/2526

**PANCHAYAT SAMITI BARIPADA**
**TENDER CALL NOTICE**

BDO,Baripada invites sealed tender on behalf of Govt. of Odisha for the following work in conformity with the DTCN.BID Identification No.03-2026-27/ BDO, BARIPADA.
Name of the work: **"Additional Class Room (ACR) Building at Govt. UPS, Bhagabat Chandra Pur."**
Date of Receipt of Tender: 25.02.2026 at 10.30 AM to 13.03.2026 up to 5 PM via Drop Box at Block Office.
Date of Opening of Tender: 17.03.2026 , 11 AM in the Conference Hall of BDO, Baripada.
Terms and Conditions : Details of the Bid documents can be downloaded from the official website of the district (https://mayurbhanj.odisha.gov.in) from 25.02.2026 to 13.03.2026 All the terms and conditions can be seen from the above website.

Sd/-
Block Development Officer
Baripada

OIPR. 19001/19109/1/25-26/0001

# ଧାରଣାରେ ବସିଲେ ଅଭିଭାବକ ଓ ଛାତ୍ରଛାତ୍ରୀ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପଂଚାୟତ ଅଧୀନ ସୋଜାଗଡ ୟୁପି ସ୍କୁଲରେ ଜଣେ ଶିକ୍ଷୟତ୍ରୀ ଙ୍କୁ ରାତି ଅଧିଆ ବଦଳି କରାଯିବା ପ୍ରତିବାଦରେ ବୁଧବାର କମିଟି ସଭାପତି ଙ୍କ ନେତୃତ୍ୱରେ ଅଭିଭାବକ ଓ ଛାତ୍ରୀଛାତ୍ର ମାନେ ଗେଟରେ ତାଲା ଦେଇ ଧାରଣାରେ ବସିଥିଲେ । ସ୍ଥାନୀୟ ସରପଂଚ ସୁଶାନ୍ତ କୁମାର ନାୟକ ଧାରଣା ସ୍ଥଳକୁ ଯାଇ ନୂଆଶିକ୍ଷକ ନିଯୁକ୍ତି ସମ୍ପର୍କରେ ପ୍ରତିଶୃତି ଦେବା ପରେ ଅଭିଭାବିକା ଅଭିଭାବକ ମାନେ ଧାରଣାରୁ ଉଠିଥିଲେ । ଏବେ ବିଦ୍ୟାଳୟରେ ୨ଜଣ ଶିକ୍ଷୟତ୍ରୀ ଓ ଶିକ୍ଷକ ଇତିଶ୍ମିତା ସେଠୀ ଓ ଲକ୍ଷ୍ମୀଧର ମହାନ୍ତି ନିଯୁକ୍ତ ଥିବା ବେଳେ ମଙ୍ଗଳବାର ଇତିଶ୍ମିତା ଙ୍କୁ ବଦଳୀ କରିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଚିଠି କରିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମାନେ ଅସନ୍ତୁଷ୍ଟ ହୋଇ ପଡିଥିଲେ । କମିଟି ସଭାପତି ଅଶେଷ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଉପସଭାପତି ରୀତାରାଣୀ ମଲ୍ଲିକ, ମହେନ୍ଦ୍ର ଦାସ, ଗୌରାଙ୍ଗ ଦାସ, ଯଶୋଦା ପରିଡା, ପ୍ରମିଳା ମହୁରୀ, ଇତିଶ୍ରୀ ବାରିକ ପ୍ରମୁଖ ସାମିଲ ହୋଇଥିଲେ । ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ପ୍ରତିକ୍ରିୟା ନେବାରେ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାକୁ ଇତିସ୍ମିତା ଙ୍କୁ ୩ଥର ଚିଠି କରାଯାଇସାରିଥିଲେ ହେଁ ସେ ନେଉନଥିବାରୁ ୩ମାସ ହେଲା ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ଉଠାଯାଇପାରୁନାହିଁ । ଅଧିକାରୀଙ୍କୁ ଅବମାନନା ପାଇଁ ତାଙ୍କୁ ଡେପୁଟେଶନରେ ଘୁଷୁରୀଗଡିଆ ସ୍କୁଲ ବଦଳୀକରାଯାଇଥିବା କହିଛନ୍ତି ।










**ଯାହାର ମୁଖ ପ୍ରଶାନ୍ତ, ସେ ଅନ୍ୟର ସୁପାରିଶ ନ ନେଇ ଯେକୌଣସି ସ୍ଥାନକୁ ଚାଲି ଯାଇପାରେ ।**

# ଆଜିକାଲି



*ନ କିଂଚିତ ସହସା କାର୍ଯ୍ୟଂ କାର୍ଯ୍ୟଂ କାର୍ଯ୍ୟଂ ବିନା କୃତିକ୍ରିୟତେ ଚେଦ ବିବିଚ୍ୟୈବ ତସ୍ୟ ଶ୍ରେୟଃ କରସ୍ଥିତମ*
*ଅର୍ଥାତ୍ : କୌଣସି କାର୍ଯ୍ୟ ଉ□ମ ରୂପେ ବିଚାର ନ କରି ହଠାତ୍ କରିଦେବା ଉଚିତ ନୁହେଁ । ଯିଏ ଉତମ ରୂପେ ବିଚବର କରି ସମସ୍ତ କାର୍ଯ୍ୟ କରେ, ହିତ ବା କଲ୍ୟାଣ ତା'ର ହାତତ ମୁଠାରେ ଥାଏ ।*

## ବଜେଟ ବ୍ୟୟ ବରାଦର ସଫଳ ରୂପାୟନ

ଅର୍ଥ ବିଭାଗ ନିଜ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥୀକ ବର୍ଷ ପାଇଁ ବିଧାନସଭାରେ ୩.୧୦ ଲକ୍ଷ କୋଟି ଟଙ୍କାର ରାଜ୍ୟ ବଜେଟ ଆଗତ କରିଛନ୍ତି, ଯାହାକି ଗତ ବର୍ଷର ବଜେଟ ତୁଳନାରେ ୬.୯ ପ୍ରତିଶତ ଅଧିକ । ଆସନ୍ତା ବର୍ଷ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ଓ ତିନୋଟି ମହାନଗର ନିର୍ବାଚନ ସହ ପୌର ନିର୍ବାଚନ ହେବାକୁ ଥିବାରୁ ନିର୍ବାଚନ ଫଳାଫଳ ବିଜେପି ସରକାରର ଲୋକପ୍ରିୟତାର ମାପକାଠି ଭାବେ ବିବେଚିତ ହେବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଂଚାୟତ ଭିତିଭୂମିକୁ ପ୍ରାଥମିକତା ଦେଇଛନ୍ତି ଯେଉଁଥିରେ ନାଗରିକଙ୍କ ପ୍ରାଥମିକତା, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ସମୃଦ୍ଧି ତଥା ଯୁବ, ଗରିବ, କୃଷକ, ନାରୀଶକ୍ତି ଅଗ୍ରାଧିକାର ଦେଇଥିବାବେଳେ ଗାଁ ଲୋକଙ୍କୁ ୧୨୫ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ଭିବି-ଜି-ରାମଜି ଯୋଜନା ସହ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ସମୃଦ୍ଧ ଅଙ୍ଗନବାଡି ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ଅଧିନରେ ୬ଲକ୍ଷ ହିତାଧିକାରୀଙ୍କୁ ଅତିରିକ୍ତ ସାମିଲ, ସଡକ ନଥିବା ଜନବସତିକୁ ସଡକ ନିର୍ମାଣ ଆଦି ନୂତନ ଯୋଜନା ଘୋଷଣା କରିଛନ୍ତି । ଯାହାକି ଗ୍ରାମ୍ୟ ଅର୍ଥନୀତିକୁ ବିକଶିତ କରିବା ସହ ଲୋକଙ୍କର ଆର୍ଥୀକ ବିକାଶ ଘଟାଇବା ନେଇ ଆଶା କରାଯାଏ । ଏଥିସହ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ପ୍ରତିଷ୍ଠା ଲାଗି ବ୍ୟାପକ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶିକ୍ଷାର ବିକାଶ ଲାଗି ୩୫ ହଜାର ୬୬୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବାବେଳେ କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡା ଜଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ, ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଂଜିନିୟରିଂ କଲେଜ, ମୟୂରଭଞ୍ଜ ଓ ବଲାଙ୍ଗୀରରେ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ରହିଛି । ସେହିପରି ଗଜପତି, ମାଲକାନାଗିରି ଓ ରାୟଗଡାରେ ତିନୋଟି ନୂତନ ଆର୍ଯୁର୍ବୈଦିକ ମେଡିକାଲ କଲେଜ ଏବଂ ନୟାଗଡ ଓ ନୂଆପଡାରେ ଦୁଇଟି ନୂତନ ହୋମିଓପାଥିକ୍ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ବଜେଟରେ ଘୋଷଣା ହୋଇଛି । କହିବା ବାହୁଲ୍ୟ ଯେ, ମାଧ୍ୟମିକ ଶିକ୍ଷାସ୍ତରରେ ବିଶେଷ କରି ନବମ, ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଡ୍ରପ ଆଉଟ୍ ବା ଅଧାରୁ ପାଠ ଛାଡ ହାର ବୃଦ୍ଧି ପାଉଥିବାବେଳେ ଏହାର ନିୟନ୍ତ୍ରଣ ପାଇଁ ସେପରି କୌଣସି ପ୍ରସ୍ତାବ ନଥିବା ଚିନ୍ତାର କାରଣ । ଏବେ ରାଜ୍ୟରେ କଲେଜ ଗୁଡିକରେ ହଜାର ହଜାର ସିଟ୍ ଖାଲି ପଡୁଥିବାବେଳେ ନୂତନ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କି ଉଦ୍ଦେଶ୍ୟ ସାଧିତ କରିବ ବୁଝି ହେଉନାହିଁ । ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥୀକ ବର୍ଷର ବଜେଟ ଆକାର ତୁଳନାରେ ଏଥର ବଜେଟ ବ୍ୟୟ ଅଟକଳ ୬.୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ସରକାର ୪୭,୮୦୦ କୋଟି ଟଙ୍କା ଋଣ କରିବେ । ଯାହାକି ଅତ୍ୟନ୍ତ ଚିନ୍ତାଜନକ । କହିବା ବାହୁଲ୍ୟ ଯେ, ରାଜ୍ୟରେ ଋଣ ଭାର ବଢିଚାଲିଥିବାବେଳେ ଏବେ ଋଣଭାର ୧,୫୫,୭୧୦ କୋଟି ଟଙ୍କାକୁ ବୃଦ୍ଧି ପାଇବ । ଯାହାର ପରିଣତ ସ୍ୱରୁପ ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ବଢିବା ସ୍ୱାଭାବିକ । ରାଜ୍ୟରେ ମୁଣ୍ଡପିଛା ଋଣଭାର ୧.୫ ହଜାର ଟଙ୍କାରୁ ଅଧିକ ଥିବାବେଳେ ନବଜାତକ ଶିଶୁ ମଧ୍ୟ ଏଥିରୁ ମୁକ୍ତ ନୁହେଁ । ଏବେ ମୁଣ୍ଡ ପିଛା ଋଣବୋଝ ୨୭,୬୨୫ ଟଙ୍କାକୁ ଛୁଇଁବ । ଏହା ନିସନ୍ଦେହ ଯେ, ବଜେଟ ଋଣ କରି ଘିଅ ଖାଇବା ସଦୃଶ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନିର୍ଦ୍ଧାରିତ ଅବଧି ମଧ୍ୟରେ ବଜେଟ ବ୍ୟୟ ବରାଦର ବିନିଯୋଗ । ଏବେ କିନ୍ତୁ ଅବଧି ସରିଯାଉଛି ବଜେଟ ବ୍ୟୟ ଅଟକଳର ୩୦ପ୍ରତିଶତ ମଧ୍ୟ ଖର୍ଚ୍ଚ ହୋଇପାରୁନଥିବା ଗଣମାଧ୍ୟମର ଶିରୋନାମା ପାଲଟିଛି । ବଜେଟ ଏକ ବାର୍ଷିକ ଆୟବ୍ୟୟର ଅଟକଳ ନୁହେଁ । ଏହା ହେଉଛି ସରକାରଙ୍କ ବାର୍ଷିକ ଆଭିମୁଖ୍ୟର ଦର୍ପଣ । ବିକାଶ ଓ ଲୋକହିତକର ଯୋଜନାର ପ୍ରତିଛବି । ବଜେଟର ବ୍ୟୟବରାଦ ଅର୍ଥ ସଠିକ ଭାବେ ବିନିଯୋଗ ହେବା ଜରୁରୀ । ଗତ ଆର୍ଥୀକ ବର୍ଷର ଅବଧି ପୁରିବାକୁ ଆଉ ମାତ୍ର ଗୋଟିଏ ମାସ ବାକି ଥିବାବେଳେ ୨୦୨୫-୨୬ ବଜେଟ ବ୍ୟବୟ ବରାଦ ଖର୍ଚ୍ଚ ହୋଇପାରବି କି ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରଙ୍କ ଠାରୁ ବଜେଟ ମାଧ୍ୟମରେ ଜନସାଧାରଣ ବହୁତ କିଛି ଆଶା କରନ୍ତି । ତେଣୁ ବଜେଟ କେବଳ ଲୋକଦେଖାଣିଆ ବା ପ୍ରଚାର ସର୍ବସ୍ୱ ନହେଉ । ବଜେଟ ବ୍ୟୟ ବରାଦର ସଫଳ ରୂପାୟନ ହେଉ ଯାହାକି ପ୍ରଗତି, ବିକାଶର ରଥକୁ ଆଗକୁ ଟାଣିନେଇ ପାରିବ ।

# ଅହଂଭାବ

◆ ପଙ୍କଜ କୁମାର ପାଣିଗ୍ରାହୀ

*କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତନ ଅନୁଭବ କରିବାରେ ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର !*
*ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୁତ ମଣିଷର ବାସ୍ତବତା କ'ଣ... ?!*

ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା ! କେମିତି... ? ଉତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନ କରି ପାରିଲେ ମଧ୍ୟ ନିଜର ଦୃଷ୍ଟିକୋଣ ପରିବର୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚାରିତ୍ରିକ ଶୁଧାର ଆଣି ପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୁରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧ୍ୟରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଧିଷ୍ଟତା ମଧ୍ୟରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି ! ଅଧିକ ଆଉ ଉପରକୁ ଯିବାପାଇଁ ଅନ୍ଦାଜ ନହୋଇ କେବଳ ସୀମିତ ପରିଧି ମଧ୍ୟରେ ସମ୍ପୃକ୍ତ ମଣିଷର ଭାବଧାରା ଘୁରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୁତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର । କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣଠୁ ବଳି ସମ୍ଭାଳଇ ! ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ୟ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଶୃଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଚାରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇ ନଥାଏ ! କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧ୍ୟରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଶୃଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧ୍ୟରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନି ନେଉଥିବା ମଣିଷର ଭାବଧାରରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି ପରଖି ଦେଖିଲେ ଜାଣିହେବ ଯେ... କାହାଦ୍ୱାରା ଲଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦ□ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ ! ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରବାହିତ ଭାବଧାରା ଗୁଡ଼ିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଇଥା'ନ୍ତି ସାଧାରଣ ସବୁ ମଣିଷ । ଅତଏବ ବିଭିନ୍ନ ଲେଖା ତଥା ଗଣମାଧ୍ୟମ ଗୁଡିକରେ ପ୍ରଚାରିତ / ପ୍ରସାରିତ ଅନେକ କଥାକୁ ସହଜରେ ଗ୍ରହଣ କରି ନିଜର ଜ୍ଞାନ ବୃଦ୍ଧି ହେବାଭଳି ଅନୁଭୂତି ରହିଥାଏ ପ୍ରାୟ ସମସ୍ତଙ୍କର । ସେହି ପ୍ରଚାରିତ / ପ୍ରସାରିତ ମାଧ୍ୟମ ଗୁଡିକରେ କିଏ କ'ଣ କହିଥାଏ ଅଥବା ଲେଖିଥାଏ ତାହାର କୌଣସି ନିୟନ୍ତ୍ରଣ କିମ୍ବା ଅନୁଶୀଳନ ବିଶେଷାଙ୍କର ନିର୍ଦ୍ଧାରିତ ନିୟାମକ ନଥାଇ ବ୍ୟାପକ ହେଉଥିବା ବିଷୟ ସମସ୍ତଙ୍କୁ ଜଣା । ତେଣୁ ସେହି ମାଧ୍ୟମ ଗୁଡିକ ଉପରେ ନିର୍ଭରଶୀଳ ମଣିଷଙ୍କୁ ମିଥ୍ୟା ତଥ୍ୟ ଦେଇ ଚତୁର କେଳେଙ୍କାରୀ ମଣିଷ ଗୁଡ଼ିଏ ଅନେକ ନିଜସ୍ୱ ସ୍ୱାର୍ଥ ହାସଲ କରୁଥିବାବେଳେ ଏହି ସଂଖ୍ୟା ଗରିଷ୍ଠ ଅଶୃଜନ ସେହି ଅବାସ୍ତବ, ମିଥ୍ୟା ତଥ୍ୟ ଗୁଡିକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ କରି ଅଜସ୍ର କ୍ଷତିରେ ପଡୁଥିବାବେଳେ ପୁନର୍ବାର ଅହଂଭାବ ସୃଷ୍ଟିକରି ଆହୁରି ଅଜ୍ଞାନ କରିଥା'ନ୍ତି ନିଜକୁ । ଅର୍ଥାତ ଯେଉଁସବୁ ବିଷୟ ଗୁଡ଼ିକୁ ସାଧାରଣ ଲୋକେ ଜ୍ଞାନ ବୋଲି ଗ୍ରହଣ କରିଥା'ନ୍ତି ସେଇଥିରେ ରହିଥବା ସତ୍ୟ ଏବଂ ମିଥ୍ୟାର ଆନୁପାତିକ ବ୍ୟବଚ୍ଛେଦ ନଥାଏ ସେମାନଙ୍କ ପାଖରେ । ତଥାପି କୌଣସି ବିପରୀତମୁଖୀ ମନ୍ତବ୍ୟକୁ ମଧ୍ୟ ଉତମ ଜ୍ଞାନ ସଦୃଶ୍ୟ ଗ୍ରହଣ କରିବାକୁ ପଛାଇ ନଥା'ନ୍ତି ଅଶୃଜନ । ପୁନର୍ବାର ଅନେକ ମିଥ୍ୟାର ଆଧାରକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ ସାଙ୍ଗକୁ ସେଗୁଡ଼ିକର ଉପସ୍ଥାପନା ସହିତ ନିଜର ଅହଂଭାବାପନ୍ନ ବିଚାରଧାରା ସେମାନଙ୍କୁ ପରୋକ୍ଷରେ ବ୍ୟାପକ ଠକାମିର ଶିକାର କରୁଥିଲେ ମଧ୍ୟ ସେଗୁଡ଼ିକ ସେମାନଙ୍କ ଭାବ ବହିର୍ଭୁତ ବିଷୟ ହୋଇଥାଏ । କାରଣ ଅହଂକାରୀ ସବୁବେଳେ ମିଥ୍ୟା କଥା ପ୍ରତି ଆସକ୍ତ ହେଉଥିବା ଜାଣନ୍ତି ଚତୁର କେଳେଙ୍କାରୀ । ତେଣୁ ସେମାନଙ୍କୁ ବିଭିନ୍ନ ମିଥ୍ୟା କଥାର ନାରାଦେଇ ସତ୍ୟକୁ ଆଢୁଆଳରେ ରଖି ସେମାନଙ୍କ ମନକୁ ଏତେ ସତେଜ କରିଦିଅନ୍ତିଯେ ଅହଂକାରୀ ଅଶୃଜନ ବ୍ୟକ୍ତି ସେହି ମିଥ୍ୟା କଥାରେ ପଡି ନିଜେ ଠକି ହେଉଥିବାବେଳେ ସମାଜରେ ମଧ୍ୟ ସେହି ମିଥ୍ୟାକୁ ବାଂଟି ନିଜର କୃତିତ୍ୱ ହାସଲରେ ଲାଗି ପଡିଥା'ନ୍ତି । ଇତିମଧ୍ୟରେ ସେମାନେ ଅନେକ ମିଥ୍ୟା ଭିତିହୀନ କଥାକୁ ନେଇ ଅନ୍ୟର ପ୍ରରୋଚନାରେ ପଡି ଠକି ହେଉଥିବା ବିଷୟ ଆଦୌ ମନକୁ ନେଇନଥା'ନ୍ତି । ସୃଜନ କୌଣସି ବିଷୟକୁ ଅଚିରେ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ବିଷୟଟିର ସର୍ବଦିଗ ପରଖି ସତ୍ୟର ଅନୁସନ୍ଧାନ ପାଇବା ପରେହିଁ ଗ୍ରହଣ କରିଥା'ନ୍ତି । ଅଶୃଜନଙ୍କ ବ୍ୟକ୍ତିଗତ ବିଚାରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣି ନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଶୃଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତା ରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ ମଣିଷ ସେତେବେଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦ ଦେଇ ଠକାମିର ଶିକାର ହେଉ ଥିବାରୁ କେହି ଉଦ୍ଧାର କରି ପାରିବେ ନାହିଁ । ତେଣୁ ଆଜି ସମୟର ଯେକୌଣସି ମତବାଦ ଗୁଡ଼ିକୁ ଅଚିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ପରେ ଗ୍ରହଣ କଲେହିଁ ନିଜର ସୃଜନଶୀଳତା ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷ ସତ୍ୟର ଅନୁସନ୍ଧାନ ପାଇବା ପରେ ନିଜେ ହିଁ ଅହଂଭାବରୁ ଦୁରେଇ ରହି ପାରିବ ବୋଲି ଆମର ବିଚାରରେ ଆପଣଙ୍କ ଭାବଧାରା ବ୍ୟକ୍ତ କରିବେ ବୋଲି ଆଶା

*ଧନ୍ୟବାଦ*

*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ୯୪୩୭୩୨୪୯୧୭.*

**ମହାପ୍ରୟାଣ ତିଥି ଅବସରରେ**

# ବିନାୟକ ଦାମୋଦର ସାବରକର୍

◆ ଡାକ୍ତର ନୀଳମାଧବ ପୃଷ୍ଟି

ଭାରତ ଭୂମିରେ ଅନେକ ବୀର ପୁରୁଷ ଜନ୍ମ ନେଇଛନ୍ତି । ଯାହାଙ୍କ ଗାଥା ଓ ଇତିହାସ ଶୁଣିଲେ ଛାତି ଗର୍ବରେ ଫୁଲିଯାଏ । ସେମିତି ଜଣେ ବୀରପୁରୁଷ ହେଉଛନ୍ତି ବିନାୟକ ଦାମୋଦର ସାବରକର । ତାଙ୍କୁ ଯୁଗ ପୁରୁଷ ବୋଲି ମଧ୍ୟ କୁହାଯାଏ । ସେ ଜଣେ ହିନ୍ଦୁତ୍ୱବାଦୀ, ରାଜନୈତିକ ଚିନ୍ତକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ନିଜର ଏହି ବିଚାରକୁ ଅଭିବ୍ୟକ୍ତ କରିବାରେ ସେ କୌଣସି ପ୍ରକାରର ସଙ୍କୋଚ କରିନାହାନ୍ତି । ଜଣେ କ୍ରାନ୍ତିକାରୀ ହେବାସହ ବୀର ଦାମୋଦର ଏକାଧାରାରେ ଜଣେ ଭାଷାବିତ୍, ବୁଦ୍ଧିଜୀବୀ, କବି, ଲେଖକ ଓ ଓଜସ୍ୱୀ ବକ୍ତା ଥିଲେ । ବିନାୟକଙ୍କ ଜନ୍ମ ୧୮୮୩ ମସିହା ମେ' ୨୮ ତାରିଖରେ ନାସିକର ଭଗୁର ଗ୍ରାମରେ ହୋଇଥିଲା । ତାଙ୍କ ବାପା ଦାମୋଦର ପନ୍ତ ଗ୍ରାମର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ଯେତେବେଳେ ବିନାୟକା ୯ବର୍ଷର ହୋଇଥିଲେ ସେତେବେଳେ ମା'ରାଧାବାଇଙ୍କୁ ହରାଇଥିଲେ । ମା'ଙ୍କ ଦେହାନ୍ତ ପରେ ବାଳକ ବିନାୟକ ଏକୁଟିଆ ଅନୁଭବ କଲେ । କିନ୍ତୁ ତାଙ୍କ ବଡ଼ଭାଇମାନେ ଏତେ ସ୍ନେହ ଦେଲେ ଯେ ସେ ସବୁ ଭୁଲିଗଲେ । ସର୍ବ ପ୍ରଥମେ ବିନାୟକ ନିଜ ବନ୍ଧୁଙ୍କ ସହ ମିଶି ମିତ୍ର ମେଳା ନାମରେ ଏକ ଦଳ ଗଠନ କଲେ । ଏହି ସମୟରେ ତାଙ୍କର ବିବାହ ଯମୁନାବାଇଙ୍କ ସହ ହୋଇଗଲା । ଯମୁନାବାଈ ବିନାୟକଙ୍କୁ ଉଚ୍ଚଶିକ୍ଷା ଲାଭ କରିବାରେ ବେଶ୍ ସାହାଯ୍ୟ କଲେ । ରାଜନୀତିରେ ସକ୍ରିୟ ହେବାପରେ ପ୍ରଥମେ ୧୯୦୫ ରେ ବଙ୍ଗ-ଭଙ୍ଗ ପରେ ବିଦେଶୀ ବସ୍ତୁର ବହିଷ୍କାର କରିବାକୁ ଉପାୟ ଖୋଜିଲେ । ବିନାୟକ ଜଣେ ପ୍ରଖ୍ୟାତ ଲେଖକ ଥିଲେ । ଇଣ୍ଡିଆନ୍ ସୋସିଓଲୋଜିଷ୍ଟ, ତଲବାର, ଲଣ୍ଡନ, ଟାଇମ୍ସ ଭଳି ପତ୍ରିକାରେ ସେ ଜଣେ ସ୍ତମ୍ଭକାର ଭାବେ ପରିଚିତ ଥିଲେ । ତେବେ ସାବରକର୍ ଭାରତର ପ୍ରଥମ ଓ ବିଶ୍ୱର ଏକମାତ୍ର ଲେଖକ ଥିଲେ ଯାହାଙ୍କ ପୁସ୍ତକ ପ୍ରକାଶିତ ହେବା ପୂର୍ବରୁ ବ୍ରିଟେନ୍ ଓ ବ୍ରିଟିଶ ଔପନିବେଶିକ ସାମ୍ରାଜ୍ୟର ସରକାର ପ୍ରତିବନ୍ଧକ ଲଗାଇ ଥିଲେ । ବୀର ଦାମୋଦରଙ୍କୁ କଠୋର ହିନ୍ଦୁତ୍ୱବାଦୀ ବୋଲି



ବିଶ୍ୱାସ କରାଯାଏ । ହୁଏତ ଏହି କାରଣ ଯୋଗୁଁ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାଣ୍ଡରେ ବିନାୟକ ସାମିଲ ଅଛନ୍ତି ବୋଲି ପ୍ରହେଳିକା ଉଠିଲା । ଜୀବନସାରା ଦେଶକୁ ସ୍ୱାଧୀନ କରିବା ପାଇଁ ନିଜକୁ ସମର୍ପିତ କରିଥିବା ବିନାୟକଙ୍କ ଉପରେ ଏଭଳି ଆରୋପ ଲାଗିବା ଫଳରେ ତାଙ୍କ ଛବି ଖରାପ ହୋଇଗଲା । ଗାନ୍ଧିଜୀଙ୍କ ହତ୍ୟାକାଣ୍ଡ ମାମଲାରେ କୋର୍ଟ ତାଙ୍କୁ ମୁକ୍ତ କରିଦେଲା ସତ କିନ୍ତୁ ଉକ୍ତ ଘଟଣା ତାଙ୍କୁ ବଡ଼ ବ୍ୟଥିତ କରିଥିଲା । ସାବରକର ଜଣେ ପ୍ରଖ୍ୟାତ ସମାଜ ସୁଧାରକ ଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ସାମାଜିକ ଓ ସାର୍ବଜନିକ ସୁଧାର ସମାନ ମହତ୍ୱ ରଖିଥାନ୍ତି । ଏମାନେ ପରସ୍ପରର ପରିପୂରକ । ୧୯୬୬ ମସିହା ୨୬ ତାରିଖରେ ସାବରକର ଚିରଦିନ ପାଇଁ ଆଖି ବୁଜିଥିଲେ ।

*ପାଣିକୋଇଲି, ଯାଜପୁର: ୯୪୩୯୪୮୨୫୨୬*

◆ ସୌରଚନ୍ଦ୍ର ମହାପାତ୍ର

ଭାରତ ଭୂମିରେ ଅନେକ ବୀର ପୁରୁଷ ଜନ୍ମ ନେଇଛନ୍ତି । ଯାହାଙ୍କ ଗାଥା ଓ ଇତିହାସ ଶୁଣିଲେ ଛାତି ଗର୍ବରେ ଫୁଲିଯାଏ । ସେମିତି ଜଣେ ବୀରପୁରୁଷ ହେଉଛନ୍ତି ବିନାୟକ ଦାମୋଦର ସାବରକର । ତାଙ୍କୁ ଯୁଗ ପୁରୁଷ ବୋଲି ମଧ୍ୟ କୁହାଯାଏ । ସେ ଜଣେ ହିନ୍ଦୁତ୍ୱବାଦୀ, ରାଜନୈତିକ ଚିନ୍ତକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ନିଜର ଏହି ବିଚାରକୁ ଅଭିବ୍ୟକ୍ତ କରିବାରେ ସେ କୌଣସି ପ୍ରକାରର ସଙ୍କୋଚ କରିନାହାନ୍ତି । ଜଣେ କ୍ରାନ୍ତିକାରୀ ହେବାସହ ବୀର ଦାମୋଦର ଏକାଧାରାରେ ଜଣେ ଭାଷାବିତ୍, ବୁଦ୍ଧିଜୀବୀ, କବି, ଲେଖକ ଓ ଓଜସ୍ୱୀ ବକ୍ତା ଥିଲେ । ବିନାୟକଙ୍କ ଜନ୍ମ ୧୮୮୩ ମସିହା ମେ' ୨୮ ତାରିଖରେ ନାସିକର ଭଗୁର ଗ୍ରାମରେ ହୋଇଥିଲା । ତାଙ୍କ ବାପା ଦାମୋଦର ପନ୍ତ ଗ୍ରାମର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ଯେତେବେଳେ ବିନାୟକା ୯ବର୍ଷର ହୋଇଥିଲେ ସେତେବେଳେ ମା'ରାଧାବାଇଙ୍କୁ ହରାଇଥିଲେ । ମା'ଙ୍କ ଦେହାନ୍ତ ପରେ ବାଳକ ବିନାୟକ ଏକୁଟିଆ ଅନୁଭବ କଲେ । କିନ୍ତୁ ତାଙ୍କ ବଡ଼ଭାଇମାନେ ଏତେ ସ୍ନେହ ଦେଲେ ଯେ ସେ ସବୁ ଭୁଲିଗଲେ । ସର୍ବ ପ୍ରଥମେ ବିନାୟକ ନିଜ ବନ୍ଧୁଙ୍କ ସହ ମିଶି ମିତ୍ର ମେଳା ନାମରେ ଏକ ଦଳ ଗଠନ କଲେ । ଏହି ସମୟରେ ତାଙ୍କର ବିବାହ ଯମୁନାବାଇଙ୍କ ସହ ହୋଇଗଲା । ଯମୁନାବାଈ ବିନାୟକଙ୍କୁ ଉଚ୍ଚଶିକ୍ଷା ଲାଭ କରିବାରେ ବେଶ୍ ସାହାଯ୍ୟ କଲେ । ରାଜନୀତିରେ ସକ୍ରିୟ ହେବାପରେ ପ୍ରଥମେ ୧୯୦୫ରେ ବଙ୍ଗ-ଭଙ୍ଗ ପରେ ବିଦେଶୀ ବସ୍ତୁର ବହିଷ୍କାର କରିବାକୁ ଉପାୟ ଖୋଜିଲେ । ବିନାୟକ ଜଣେ ପ୍ରଖ୍ୟାତ ଲେଖକ ଥିଲେ । ଇଣ୍ଡିଆନ୍ ସୋସିଓଲୋଜିଷ୍ଟ, ତଲବାର, ଲଣ୍ଡନ, ଟାଇମ୍ସ ଭଳି ପତ୍ରିକାରେ ସେ ଜଣେ ସ୍ତମ୍ଭକାର ଭାବେ ପରିଚିତ ଥିଲେ । ତେବେ ସାବରକର୍ ଭାରତର ପ୍ରଥମ ଓ ବିଶ୍ୱର ଏକମାତ୍ର ଲେଖକ ଥିଲେ ଯାହାଙ୍କ ପୁସ୍ତକ ପ୍ରକାଶିତ ହେବା ପୂର୍ବରୁ ବ୍ରିଟେନ୍ ଓ ବ୍ରିଟିଶ ଔପନିବେଶିକ ସାମ୍ରାଜ୍ୟର ସରକାର ପ୍ରତିବନ୍ଧକ ଲଗାଇଥିଲେ । ବୀର ଦାମୋଦରଙ୍କୁ କଠୋର ହିନ୍ଦୁତ୍ୱବାଦୀ ବୋଲି ବିଶ୍ୱାସ କରାଯାଏ । ହୁଏତ ଏହି କାରଣ ଯୋଗୁଁ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାଣ୍ଡରେ ବିନାୟକ ସାମିଲ ଅଛନ୍ତି ବୋଲି ପ୍ରହେଳିକା ଉଠିଲା । ଜୀବନସାରା ଦେଶକୁ ସ୍ୱାଧୀନ କରିବା ପାଇଁ ନିଜକୁ ସମର୍ପିତ କରିଥିବା ବିନାୟକଙ୍କ ଉପରେ ଏଭଳି ଆରୋପ ଲାଗିବା ଫଳରେ ତାଙ୍କ ଛବି ଖରାପ ହୋଇଗଲା । ଗାନ୍ଧିଜୀଙ୍କ ହତ୍ୟାକାଣ୍ଡ ମାମଲାରେ କୋର୍ଟ ତାଙ୍କୁ ମୁକ୍ତ କରିଦେଲା ସତ କିନ୍ତୁ ଉକ୍ତ ଘଟଣା ତାଙ୍କୁ ବଡ଼ ବ୍ୟଥିତ କରିଥିଲା । ସାବରକର ଜଣେ ପ୍ରଖ୍ୟାତ ସମାଜ ସୁଧାରକ ଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ସାମାଜିକ ଓ ସାର୍ବଜନିକ ସୁଧାର ସମାନ ମହତ୍ୱ ରଖିଥାନ୍ତି । ଏମାନେ ପରସ୍ପରର ପରିପୂରକ । ୧୯୬୬ ମସିହା ଆଜିର ଦିନରେ ସାବରକର ଚିରଦିନ ପାଇଁ ଆଖି ବୁଜିଥିଲେ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# ନିଶା ଦୂରେଇବା, ଜୀବନ ଗଢ଼ିବା

◆ ଦେବରାଜ ପଟ୍ଟନାୟକ



ଓଡ଼ିଶା ସରକାର ଏକ କ୍ରାନ୍ତୀକାରୀ ଓ ସୁନ୍ଦର ଯୋଜନା ପ୍ରଣୟନ କରିଛନ୍ତି ଯାହା ଆମ ଭବିଷ୍ୟତର ଆଗାମୀ ଉଜ୍ଜ୍ୱଳ ତାରାକା କୁହାଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସଞ୍ଜିବନୀ ଦିଗଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ । ଏଣିକି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ସମୟରେ ବିଧିବଦ୍ଧ ଭାବେ ଏକ ଘୋଷଣାନାମାରେ ଛାତ୍ରଛାତ୍ରୀମାନେ ନିଶା ଖାଇବେ ନାହିଁ ବୋଲି ସ୍ୱାକ୍ଷର କରିବେ । ଯେଉଁଥିରେ ତମାଖୁ ଓ ମଦ୍ୟପାନ ସମେତ ଅନ୍ୟ ନିଶାଦ୍ରବ୍ୟର ଭୟାବହତା ଓ ଉଦବେଗଜନକ ସ୍ଥିତି ସମ୍ପର୍କରେ ଅବଗତ ଥିବା, ଶିକ୍ଷାୟତନ କ୍ୟାମ୍ପସ ଭିତରେ ନିଶା ଦ୍ରବ୍ୟ ସେବନ ନକରିବା ଏବଂ ଏହାସହ ନିଜ ଶିକ୍ଷାୟତନ ପରିସର ଭିତରେ କୌଣସି ନିଶା ଦ୍ରବ୍ୟ ସମ୍ପର୍କିତ କାର୍ଯ୍ୟକଳାପ ସଂଗଠିତ ହେଉଥିଲେ ଏନେଇ ନିଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସାମଗ୍ରିକ ସଚେତନତାର ସହଯୋଗ ଯୋଗାଇବେ ବୋଲି ଉଲ୍ଲେଖ ରହିବ । ଏହାସହ ଏହି ଘୋଷଣାନାମାରେ ସେମାନଙ୍କ ନାମ, ପିତାଙ୍କ ନାମ, ସେମାନଙ୍କର ପାଠ୍ୟକ୍ରମର ସୂଚନା ଓ କେତେ ବର୍ଷ ପାଇଁ ଶିକ୍ଷା ଗ୍ରହଣ କରିବେ ସେ ନେଇ ଜଣାଇବେ । ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗ ଏଭଳି ନିଷ୍ପତି ନେଇଛନ୍ତି । ତେବେ ଏହି ଅଭିଯାନ ନିଶ୍ଚିନ୍ତ ଭାବେ ଆମ ଛାତ୍ର ଓ ଯୁବପିଢ଼ୀଙ୍କୁ ଖରାପ ରାସ୍ତାରୁ ଦୂରେଇ ଅପରାଧିକ କାର୍ଯ୍ୟକଳାପକୁ ଆଉ ସୃଷ୍ଟି କରିବାର ସୁଯୋଗ ମଧ୍ୟ ଦେବନାହିଁ । କ୍ୟାମ୍ପସକୁ ତମାଖୁ ଓ ନିଶାମୁକ୍ତ ସୁନିଶ୍ଚିତ କରିବାକୁ ଛାତ୍ରଛାତ୍ରୀମାନେ ଘୋଷଣା କରିବେ । କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ଼ଲାଇନକୁ କଡ଼ାକଡ଼ି ଲାଗୁ କରିବାକୁ କର୍ତ୍ତୃପକ୍ଷ ସୂଚୀତ କରିଛନ୍ତି । ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା ସଦସ୍ୟମାନେ ସହଯୋଗ କରିବେ । ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିନ୍ତ ଭାବେ ଶିକ୍ଷାମହଲ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନିକ କ୍ଷେତ୍ରକୁ ଅତ୍ୟନ୍ତ ଆନନ୍ଦିତ କରିଛି । ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ସମୟର ଉଜ୍ଜ୍ୱଳତମ ଭବିଷ୍ୟତ । ସେମାନଙ୍କ ପ୍ରତିଭା ଓ ଗୌରବ କେବଳ ସେମାନେ ପିତାମାତା ବା ବିଦ୍ୟାଳୟ ନୁହେଁ ସମଗ୍ର ସମାଜ ପାଇଁ ଆଦର୍ଶଣୀୟ ଅଟେ । ଅନେକ ପିଲାମାନେ ବିପଥଗାମୀ ହୋଇଯାଇଥାନ୍ତି ଏହି ନିଶାଦ୍ରବ୍ୟ ପାଇଁ । ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି । ଆସନ୍ତୁ ଆମେ ସମସ୍ତେ ଏକ ନିଶାମୁକ୍ତ ଓ ସୁନ୍ଦର ସୁଜ୍ଜ୍ୱଳ ଶିକ୍ଷାୟତନ ପରିସର ସୃଷ୍ଟି କରିବା, ଆମ ଶିକ୍ଷାୟତନର ଗୌରବ ବଢ଼ାଇବା ସହ ନିଜ ବ୍ୟକ୍ତିତ୍ୱ ଓ ସମୁଜ୍ଜ୍ୱଳ ଭବିଷ୍ୟତ ତିଆରି କରିବା ।

*ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମିଶନ ରୋଡ଼, ବକ୍ସି ବଜାର, କଟକ, ଦୂରଭାଷ : ୯୮୬୧୧୮୭୨୧୨*

**ତ୍ରୀ ଯ୍ୟ କ**

# କହିଲେ କହିବ କହୁଛି

ସ୍ନେହ, ଶ୍ରଦ୍ଧା, ଭଲପାଇବା ଇତ୍ୟାଦି ସାତ୍ୱିକ ଆଚରଣ ଗୁଡ଼ିକ ଆସ୍ତେଆସ୍ତେ ଲୋପ ପାଇବାକୁ ବସିଲାଣି । କେହି କାହାରି ପ୍ରତି ଆଉ ସମ୍ମାନ କି ଭଲ ପାଇବା ନାହିଁ । କଥା କଥାକେ କ୍ରୋଧର ବଶବର୍ତୀ ହୋଇ କଥା ହଣାହଣି ସହ ମାରପିଟ୍ ଏପରି ଭାବେ କରାଯାଉଛି ଯେ, ତାହା ଦେଖି ହୃଦୟରେ ଯେମିତି ଶକ୍ତ କୁଠାରଘାତ ହେବା ପରି ଜଣାଯାଉଛି । ଶିକ୍ଷା କ୍ଷେତ୍ରରେ ହେଉ କିମ୍ବା ଦାମ୍ପତ୍ୟ ଜୀବନାରେ ହେଉ ଦୁଇଟି ଯାକ ହରଣ କରି ଦେଲେ ଫଳାଫଳ କେଳବ ୦ ଆଉ ୦ । କହିବା ବାହୁଲ୍ୟ ଜନୈକ ଶିକ୍ଷକ ସେ ତା'ର ଘରୋଇ କୋଚିଂ ସେଂଟର କରି ପାଠ ପଢ଼ାଇବା ପାଇଁ ଅନ୍ୟ ଶିକ୍ଷକକୁ ନିଯୁକ୍ତି ଦେଇ ପାଠ ପଢ଼ାଉଥିବା ବେଳେ ପ୍ରତ୍ୟେକ ଦୁଇ/ତିନି ମାସରେ ଥରେ ଥରେ ଶିକ୍ଷକ ବଦଳି କରି ନୂଆ ଶିକ୍ଷକ ଜରିଆରେ ପାଠ ପଢ଼ାଉଥିବା ଯୋଗୁଁ ପିଲାମାନେ ପାଠ ପଢ଼ିବା ବେଳେ ପ୍ରତ୍ୟେକ ଶିକ୍ଷକଙ୍କ ପାଠ ପଢ଼ାଇବାର ଗତିବିଧିକୁ ସହଜରେ ବୁଝି ପାରୁନଥିବା ଯୋଗୁଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉ ଥାଆନ୍ତି । ଜନୈକା ଜଣେ ବ୍ରାହ୍ମଣ ଘରର ଛୋଟ ଝିଅଟି ପାଠ ପଢ଼ିବାକୁ ଆସୁଥିବା ବେଳେ ପ୍ରତ୍ୟେକ ଦିନ ଶିକ୍ଷକ ଜଣକ ତା ଉପରେ ଏପରି ବେତ୍ରାଘାତ କରେ ଯେ ବିଚରା ଛୁଆଟି କଷ୍ଟରେ ତ୍ରାହି ତ୍ରାହି ବୋଲି ରଡ଼ି ଛାଡୁଥିବା ବେଳେ ଯେଉଁ ଗୃହରେ ସେ କୋଚିଂ ସେଂଟର କରିଥାଆନ୍ତି ସେଇ ଘରରେ ଏକ କରୁଣ ଏବଂ ଦାରୁଣ୍ୟ ପରିବେଶ ସୃଷ୍ଟି କରେ । ନ ବାଡେଇବାକୁ ମନା କରାଯାଉଥିବା ବେଳେ ଶିକ୍ଷକ ନିଜ କ୍ରୋଧକୁ ଉପଶମ ନକରି ବରଂ ହୃଦୟରୁ ଅଧିକ କ୍ରୋଧ ବିଗଳିତ କରି ପିଲାଟିକୁ ନୃଶଂସ ଭାବେ ପ୍ରହାର କରିବାରେ ହେଳା କରୁ ନଥିଲେ । ପାଠ ନିଜ ମସ୍ତିଷ୍କ ଜରିଆରେ ଯେତିକି ଗ୍ରହଣ କରିବା କଥା ସେତିକି ଗ୍ରହଣ କରିବ । ଯେତେ ପିଟାମରା କଲେ ମଧ୍ୟ ପିଲାଟି ଅଧିକ ଗ୍ରହଣ କରିପାରିବ ନାହିଁ ବୋଲି ଗୃହ ମାଲିକ ଯୁକ୍ତି ବାଢୁଥିବା ସ୍ଥଳେ ଶିକ୍ଷକ କିନ୍ତୁ ବୁଝିବାକୁ ନାରାଜ । ଏପରିସ୍ଥଳେ ପ୍ରତ୍ୟେକ ଛୁଆଙ୍କୁ ମାରିବାକୁ ଯାଉଥିବା ଯୋଗୁଁ ଶିକ୍ଷକର ଆଗକୁ ଆସୁଥିବା ସମୟ କେମିତି ଯେ କଟିବ ତାହା ବିଧି ନିର୍ଦ୍ଧିଷ୍ଟ । ସ୍ନେହ, ଶ୍ରଦ୍ଧାରେ ପିଲାମାନଙ୍କୁ ପାଠ ପଢ଼ାଯାଏ । କିନ୍ତୁ ଦେହରେ ଆଘାତ ଦେବା ବେଳେ ପିଲା ଅଧିକ ଭୟ ପାଇଯାଇ ପାଠ ପଢ଼ିବାକୁ ନାରାଜ ହୁଏ । ଶିକ୍ଷକ ମାନେ ଯଦି ଏପରିସ୍ଥଳେ ନିଜକୁ ଆୟତ କରି ଶିକ୍ଷକା ଦାନଦେବା ଏକ ପୂଣ୍ୟ କାର୍ଯ୍ୟ ବୋଲି ଭାବି ଈଶ୍ୱରଙ୍କୁ ଏଥିପାଇଁ ଗୁରୁ ଭାବେ ଗ୍ରହଣ କରି ନିଜର ଗୁରୁ ଦାୟିତ୍ୱକୁ ତୁଲାଇ ପାରିଲେ ହୁଏତ ଶିକ୍ଷା ପଦ୍ଧତି ମହତ୍ୱପୂର୍ଣ୍ଣ ହୋଇପାରିବ । ସେହିପରି ବିବାହ କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀ ଏକ ଏବଂ ଅଭିନ୍ନ । ଦୁଇଟି ଶରୀର ଥିବା ବେଳେ ଗୋଟିଏ ଆତ୍ମା କୁହାଯାଏ । ଏପରିସ୍ଥଳେ ଆଜିକାଲି ବୋହୂଟିକୁ ଶାଶୁ- ଶ୍ୱଶୁର, ନଣନ୍ଦ- ଦିଅର ଏବଂ ସ୍ୱାମୀ ଏପରି ଦୟନୀୟ ଅବସ୍ଥା କରାନ୍ତି ଯେ, ଦେଖିଲେ ବହୁତ ଦୁଃଖ ଲାଗେ । ଜଣେ ୨୨/ ୨୩ ବର୍ଷର ଝିଅଟିଏ ବିବାହର ବର୍ଷକ ପୂର୍ତି ହୋଇଥିବା ବେଳେ ତା'ର ସାକ୍ଷାତ ଯେତେ ବେଳେ ହେଲା ତା ମୁହଁକୁ ଦେଖିଲେ ମନେ ହେଉଥିଲା ସତେ ଯେପରି ୪୦/୪୫ ବର୍ଷର ପ୍ରୌଢ଼ ଭଳି । କାହିଁକି ନା ନଥିଲା ତା ମୁହଁରେ ସରସତା ହାସ୍ୟ ବଦନ । ପଚାରିଲେ କହୁଥିଲା କି ବିବାହର ୨/୩ ମାସ ପରେ ତା' ଉପରେ ଅତ୍ୟାଚାର ଆରମ୍ଭ ହୋଇଗଲା । କିଛି କାରଣ ନଥାଇ ମଧ୍ୟ ଶାଶୁ, ପିଉସୀ ଶାଶୁ, ବିବାହିତା ନଣନ୍ଦ ଏବଂ ସ୍ୱାମୀ ତା ଉପରେ କଥା କଥାକେ ଗାଳି ଦେବା ସହ ସ୍ୱାମୀର ମୁଥା ମାଡ଼ ଅସହ୍ୟ କରି ଦେଉଥିଲା ବିଚାରି ଝିଅଟିକୁ । ସେଇଥିଲେ ସେ ଅନ୍ତସତ୍ୱା ଥିବା ବେଳେ ମଧ୍ୟ କ୍ରୁର ଆଚରଣ ଝିଅଟିକୁ ଅଧିକ ଅଧିକ କଷ୍ଟ ଦେଉଥିଲା ଏବଂ ଶିଶୁଟିକୁ ଜନ୍ମ ଦେଇସାରିବା ପରେ ମଧ୍ୟ ସେହିପରି ଅକଥନୀୟ ଅତ୍ୟାଚାର ତାହାଲେ ବିବାହର ପବିତ୍ରତାର ମାନ କଅଣ । ସ୍ୱାମୀ- ସ୍ତ୍ରୀର ସଂପର୍କ କଅଣ, ଶାଶୁ- ବୋହୂ ଭିତରେ ଭଲ ପାଇବା କଅଣ । ଏସବୁର ମିଶାଣ- ଫେଡାଣରେ କେଉଁ ଉତର ଆସିବ ଯାହାକି ଭଗବାନଙ୍କୁ ଦେବା ପରି ସଠିକ୍ ହୋଇ ପାରିବ । କାରଣ ସୃଷ୍ଟିକର୍ତା ଯେଉଁ ସଂସାର ସୃଷ୍ଟି କରିଛନ୍ତି ସେଇ ସଂସାରର ଇତିବୃତି କଅଣ ଏୟା ? ଏହି ପ୍ରଶ୍ନ ଘେରରେ କେବଳ ଉତର ପାଠକଙ୍କର ।











# କନ୍ୟା ଭ୍ରୂଣ ହତ୍ୟା ରୋକିବାକୁ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ

ଝାରସୁଗୁଡ଼ା : ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ 'ପ୍ରାକ-ଗର୍ଭଧାରଣ ଏବଂ ପ୍ରସବ ପୂର୍ବ ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ) ଆଇନ' ବା ପିସି ଏବଂ ପିଏନଡିଟି (**PC & PNDT**) ଆଇନର ସଫଳ ରୂପାୟନ ନିମନ୍ତେ ଏକ ଦିନିକିଆ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଆଇନର କଡ଼ାକଡ଼ି ଅନୁପାଳନ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସରକାରୀ ଓକିଲ ଶ୍ରୀମତୀ ବି. ନାଗେଶ୍ୱରୀ, ସହକାରୀ ସରକାରୀ ଓକିଲ ଶ୍ରୀ ସମୀର ମିଶ୍ର, ଅଧିବକ୍ତା ଶ୍ରୀ ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଶ୍ରୀମତୀ ଆନନ୍ଦିନୀ ପାଢ଼ୀ, 'ସେହଡ଼ା' (ଝରଐଇଉଇ) ସଂଗଠନର ନିର୍ଦ୍ଦେଶିକା ଏବଂ 'ଏ ସ୍କୋୟାର ହସ୍ପିଟାଲ'ର ନିର୍ଦ୍ଦେଶିକା ଶ୍ରୀମତୀ ବବିତା ରମାନୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ସମାଜରେ କନ୍ୟା ସନ୍ତାନର ମୂଲ୍ୟ ବୃଦ୍ଧି କରିବା ସହ ଲିଙ୍ଗ ନିରୂପଣ ଭଳି ଅପରାଧକୁ ରୋକିବା ପାଇଁ ସମସ୍ତ ଅଂଶୀଦାରମାନଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଡାକ୍ତର ରାଧାରମଣ ବିର୍ତିଆ ପିସି ଏବଂ ପିଏନଡିଟି ଆଇନ ଅନୁଯାୟୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ନିରୀକ୍ଷଣ ଏବଂ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଡାକ୍ତର ଦୁର୍ଜୟ କୁମାର ଦତ ସମାଜରେ କନ୍ୟା ସନ୍ତାନର ସମ୍ମାନ ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ଓ ସରକାରୀ ପକ୍ଷର ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶେଷରେ, ଯଦି କୌଣସି ବ୍ୟକ୍ତି ବେଆଇନ ବା ଅଣ-ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ବିଷୟରେ ସଠିକ୍ ସୂଚନା ପ୍ରଦାନ କରନ୍ତି, ତେବେ ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା' ଅଧୀନରେ ସେହି ବ୍ୟକ୍ତିଙ୍କୁ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ଘୋଷଣା ହୋଇଥିଲା ।

# ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୨୪ ଫେବୃଆରୀ (ହି.ସ.)- ତାଲୁକ ଆଇନ ସେବା ସମିତି ପଟ୍ଟାମୁଣ୍ଡାଇ ତରଫରୁ ରୋଡ଼ ସେଫଟି, ଏମ ଏ ସି ଟି, ମୋଟର ଭେଇକିଲ ଆକ୍ଟ ପାଇଁ ବକ୍ତାରପୁର ରୋଡ଼ ଉପରେ ଜନସାଧାରଣଙ୍କୁ ଆଜି ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ୍ ଆଇନ ସେବା ସମିତି, ପଟ୍ଟାମୁଣ୍ଡାଇର ଅଧକ୍ଷ ବିଦ୍ୟାଧର ପୃଷ୍ଟିଙ୍କ ସଭାପତିତ୍ୱରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ର ସିନିଅର ସିଭିଲ ଜଜ୍ ଅପୂର୍ବା ଚୌଧୁରୀ, ଜେଏମଏଫସି କୋର୍ଟର ସରକାରି ଓକିଲ ଧୀରେନ୍ଦ୍ରନାଥ ସାହୁ, ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ବରିଷ୍ଠ ଆଇନଜୀବି ବିଜୟ କୁମାର ରାଉତ, ବରିଷ୍ଠ ଆଇନଜୀବି ହୃଦାନନ୍ଦ ମହାନ୍ତି, ବିଦ୍ୟାଭୂଷଣ ଦାଶ ଉପସ୍ଥିତ ଥିଲେ । ଏହା ସହିତ ଲିଗାଲ ଏଡ଼ ର ସମସ୍ତ କର୍ମକର୍ତା ଅପର୍ଣା ସାମଲ, ମୋହନ ଦାଶ, ଅମିତ ସିଂହ, ଅରବିନ୍ଦ ପଣ୍ଡା, ଲିଗାଲ ଏଡ଼ ର ସମସ୍ତ ପିଏଲଭି ସଭ୍ୟ ଅମେରେନ୍ଦ୍ର ରାଉତ, ସଭ୍ୟା ବବିତା ମଳିକ, ରଞ୍ଜିତା ଜେନା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଗାନ୍ଧୀ ସଚେତନତା ଶିବିର ଅନୁଷ୍ଠିତ



କଟକ : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର ଭଏସଲେସ୍ ତରଫରୁ ଗାନ୍ଧୀ ଶାନ୍ତି ସେବକ ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଗାନ୍ଧୀ ସଚେତନତା ଶିବିର କାର୍ଯ୍ୟକ୍ରମ ସରକାରୀ ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରପଡା ଜିଲ୍ଲାର ପଶ୍ଚିମ ଶ୍ୟାମସୁନ୍ଦରପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଅଦର୍ଶ ବିଷୟରେ ସଚେତନ କରାଯାଇଥିଲା । ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସିଜୀ ମାରାଣ୍ଡି, ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ନିରାକାର ଦାସ ଓ ଡକ୍ଟର ବିଶ୍ୱଜିତ ସୂର୍ଯ୍ୟବଂଶୀ, ମୁଖ୍ୟବକ୍ତା ଭାବେ ଡ. ଦ୍ୱୀପାୟନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପଣ୍ଡା ଓ ଶ୍ରୀଯୁକ୍ତ ନିରଞ୍ଜନ ମଳିକ ପ୍ରମୁଖ ଯୋଗ ଦେଇଥିଲେ । ସର୍ବଶେଷରେ ଡକ୍ଟର ବିଭୁଦତ□ ଖଣ୍ଡାୟତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ା ପୌରପାଳିକାରେ ନିର୍ମିତ ବହୁମୁଖୀ ପ୍ରେକ୍ଷାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

## ✦ ଜିଲ୍ଲାର ୩ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଶେଷ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ

ଝାରସୁଗୁଡ଼ା : ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଆଜି ଝାରସୁଗୁଡ଼ା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିବା ବହୁମୁଖୀ ପ୍ରେକ୍ଷାଳୟ (**Multi-purpose Hall**) ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ନବ ନିର୍ମିତ କୋଠାର, ଭିତିଭୂମି ଏବଂ ଆନୁଷଙ୍ଗିକ ସୁବିଧାର ଅନୁଧ୍ୟାନ କରିଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ





ଏହି ବହୁମୁଖୀ ପ୍ରେକ୍ଷାଳୟ ଗୁଡ଼ିକ ସହାୟକ ହେବ । ପରିଦର୍ଶନ କାଳରେ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ସମ୍ପୂର୍ଣ୍ଣ ହୋଇସାରିଥିବା ବହୁମୁଖୀ ପ୍ରେକ୍ଷାଳୟ ଗୁଡ଼ିକୁ ଜିଲ୍ଲାର ୩ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ପୌରପାଳିକାର ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଗୁଣବତା ବଜାୟ ରଖିବା ସହିତ ସାର୍ବଜନୀନ ବ୍ୟବହାର ଉପଯୋଗୀ କରିବା ପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀ ଗଣେଶ ଶିଶୁ ବିଦ୍ୟାମନ୍ଦିର ଯାଜପୁର ନଗର ପକ୍ଷରୁ ମାତୃସମ୍ମିଳନୀ ଓ ପଂଚମହାଭୂତ ଯଜ୍ଞ

ଯାଜପୁର : ଯାଜପୁର ନଗର ସ୍ଥିତ ଶ୍ରୀ ଗଣେଶ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମାତୃସମ୍ମିଳନୀ ଓ ପଂଚ□ମହାଭୂତ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି । ପ୍ରାତଃରୁ ବ୍ରହ୍ମାକୁଣ୍ଡରୁ ଯଜ୍ଞ କଳସ ମାତୃମଣ୍ଡଳୀ ମାନଙ୍କ ପକ୍ଷରୁ ଅଣାଯାଇ ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ, ଦୁର୍ଗାଙ୍କୁ ଆହ୍ୱାନକରି ପୂଜା, ଜପ ହୋମ ଆଦି ସମ୍ପର୍ଣ୍ଣ କରାଯାଇଥିଲା । ଏହାପରେ ମାତୃ ସମ୍ମିଳନୀ ସଭାକାର୍ଯ୍ୟ ଆରମ୍ଭ କରାଯାଇ କାର୍ଯ୍ୟକ୍ରମର ବରେଣ୍ୟ ଅତିଥିରୂପେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଶିଶୁର ଚରିତ୍ର ଗଠନ ନିମନ୍ତେ ପ୍ରତ୍ୟେକ ମାତୃମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥିରୂପେ ପୂର୍ବତନ ସାଂସଦ





ଅଂଚଳ ଦାସ ଯୋଗଦେଇ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିକ୍ଷା, ସଂସ୍କୃତିକୁ ଗୁରୁତ୍ୱ ଦେବା ନିମନ୍ତେ ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ତଥା ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରି ଶିଶୁମାନଙ୍କର ପଂଚେନ୍ଦ୍ରିୟର ବିକାଶ ସହ ପା□ାତ୍ୟ ସଭ୍ୟତା ଠାରୁ ଦୂରେଇ ରହିବା ଓ ଖାଦ୍ୟପେୟ ପାନୀୟ ଆଦିକୁ ଠିକ୍‌ଭାବରେ ପିଲାମାନଙ୍କୁ ପ୍ରଦାନ କରାଗଲେ ଶିଶୁର ବୌଦ୍ଧିକ ବିକାଶ ହେବା ସହ ଉତମ ନାଗରିକ ରୂପେ ଗଢ଼ିତୋଳି ହେବ । ଉତ୍ସବର ବରେଣ୍ୟ ଅତିଥିରୂପେ ବେଦବିଜ୍ଞାନ କର୍ମକାଣ୍ଡବିତ୍ ଗୋପାଳ ଚନ୍ଦ୍ର ଦାଶ ଯୋଗଦେଇ ବେଦମନ୍ତ୍ର ପାଠ କରିବା ସହ ଓଁକାର, ଗାୟତ୍ରୀ ମନ୍ତ୍ର, ପଂଚ□ଭୂତ ମନ୍ତ୍ରରେ ସମଗ୍ର ପରିବେଶକୁ ଆଧାତ୍ମିକ ମାର୍ଗରେ ନେଇଯାଇଥିଲେ । ବିଦ୍ୟାଳୟର ପରିଚ୍ଛଳନା କମିଟିର ସଦସ୍ୟ ତରଣୀ ରଶ୍ମିଶେଖର ମହାରଣ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ବେହୁରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସର୍ବଶେଷରେ କମିଟିର ସଦସ୍ୟା ଭାଗ୍ୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ଗୀତାରାଣୀ ସାହୁ, ପ୍ରିୟଙ୍କା ଓଝା, ରାଶେଶ୍ୱରୀ ମହାନ୍ତି, ସୁନିତା ଗୋଚ୍ଛାୟତ, ଆଶାଲତା ପତି ଓ ରୀତିକା ସାହୁ ପ୍ରମୁଖ ପରିଚ୍ଛଳନା କରିଥିଲେ ।

# ଖରୀଆରରୋଡ଼ ମହୋତ୍ସବର ଦ୍ୱିତୀୟ ସଂଧ୍ୟା



ନୂଆପଡ଼ା : (ନି.ପ୍ର)ନୂଆପଡ଼ା ଜିଲ୍ଲା ଖରୀଆର ରୋଡ ସହର ବାସୀଙ୍କ ମାତୃଭୂମୀ ପ୍ରତି ଅଗାଢ ଭକ୍ତି, ସହ ଏକତା ପଥ ରେ ବାନ୍ଧି ହେବା ର ମହାମନ୍ତ୍ର ଅଟେ ଖରୀଆର ମହୋତ୍ସବ । ସ୍ଥାନୀୟ ନେତୃମଣ୍ଡଳୀ ଯୋଗ ଦେଇ ଏହି ମହୋତ୍ସବ ମାଧ୍ୟମରେ ବିଭିନ୍ନତା ମଧ୍ୟରେ ଏକତା, ମହନୀୟ ପରମ୍ପରା କୁ ନେଇ ଉଜ୍ଜୀବିତ କରିବାର ନିଆରା ସଙ୍ଗମ ଅଟେ । ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଂଜନ ଯୋଷୀ, ଘାସିରାମ ମାଝୀ,ରାଜେଶ ନିଗମ, ଅଙ୍କିତା ସିଂଘାଇ, ଜୈନ୍, ନିଶାନ ଡାଗା, ମୁକେଶ ଚନ୍ଦ୍ରକାର, ସଂଜୀବ ଶର୍ମା, ପ୍ରେମ ସାହୁ, ଲଳିତ ଅଗ୍ରୱାଲ, ଦୀପକ ଦର୍ଗ୍ୱାଲ ଜୈନ୍, ମିତା ମିଶ୍ର, ପଙ୍କଜ ମାରୋଦିଆ, ଭିକି ଜୈନ୍, ବାବଲୁ ଗାନ୍ଧୀ, ସୋନୁ ଗାନ୍ଧୀ ପ୍ରମୁଖ ଯୋଗ ଦେଇଥିଲେ ।

# ଯୁବ ସମାଜକୁ ନେଇ ସଚେତନତା ସଭା

ଜୟପୁର : ଜୟପୁର ରାଜା ନହର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ସମାଜର ସୁରକ୍ଷା ନିମନ୍ତେ ଯୁବସମାଜକୁ ଅପରାଧିକ ଗତିବିଧି ରୁ ବିମୁଖ କରି ସେମାନଙ୍କୁ ପରିଶ୍ରମ କରି ଆର୍ଥିକ ସ୍ୱଚ୍ଛଳ କରାଇବା ଚେଷ୍ଟାରେ ପ୍ରାଥମିକ ପଦକ୍ଷେପ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଆଜି ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସମାଜରେ ଛାତ୍ର ଓ ଯୁବ ବର୍ଗ ସାମାନ୍ୟ କିଛି ସମସ୍ୟା ତଥା ରୋଜଗାର ଚିନ୍ତାରେ ଭୁଲ ରାସ୍ତାରେ ଅଗ୍ରସର ଯେପରିକି ନିଶା ଦ୍ରବ୍ୟ ସେବନ, ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି । ଏହାଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସହ ସେମାନଙ୍କ ପରିବାର ଏବଂ ଆମ ସମାଜ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଣୁ ଏହି ଛାତ୍ର ଏବଂ ଯୁବ ସମାଜକୁ ଭୁଲ ରାସ୍ତାରେ ନଯାଇ ନିଶା ସେବନ ନକରିବାକୁ ଏବଂ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ନ ହେବାକୁ ସଚେତନତା କାର୍ଯ୍ୟକ୍ରମ ସହ ଏମାନଙ୍କ ମୁଖ୍ୟ ସମସ୍ୟା ବିଷୟରେ ଅନୁଧ୍ୟାନ କରି ସେମାନଙ୍କୁ ରୋଜଗାରର ରାସ୍ତା ଦେଖାଇବାକୁ ଏକ ପ୍ରୟାସ ଆରମ୍ଭ କରାଗଲା । ଏହି ସଭାରେ ଅତିଥି ଭାବେ ଜେକେ ବିକେ ଏଂଟରପ୍ରାଇଜେସ୍ ର ସଞ୍ଜୟ ଜୈନ, ହିନ୍ଦୁସ୍ଥାନ ସେଲ୍ସ ର ହିମାଙ୍କ ଅଗ୍ରୱାଲ, ହଟେଲ୍ ସିଗ୍ନେଚର୍ ମାଲିକ ଲବ ହାରନ୍, ସୋନାଲିକା ଟ୍ରାକ୍ଟର ସୋରୁମ୍ ମାଲିକ ଗୌରି ସରଣ ଦେବଶର୍ମା, ମିଲର୍ ଏସୋସିଏସନ ର ପୂର୍ଣ ପଟ୍ଟନାୟକ, ଚାମ୍ବର ଅଫ୍ କମର୍ସ ର ଉପସଭାପତି ଏ ସ୍ରିନୁ, ବିଶିଷ୍ଟ ଠିକାଦାର ଅମର ବୁଦଓ୍ୱାର, ବିଶିଷ୍ଟ ବ୍ୟବସାୟୀ ହିରା ଲାଲ୍ ପଟେଲ, ସତୀଶ ନନ୍ଦ, ଠିକାଦାର ଗଣେଶ ନାୟକ, କୃଷ୍ଣ ଗୌଡ, ସଞ୍ଜୟ ନାୟକ, ବଳରାମ ସେଠି, ଅଜିତ୍ ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ର ଏବଂ ଯୁବ ସମାଜକୁ ଭୁଲ ରାସ୍ତା ନଯାଇ ନିଶା ସେବନ ନକରିବାକୁ ସଚେତନ କରିବା ସହ ଅପରାଧିକ କାର୍ଯ୍ୟକଳାପରେ ଜଡିତ ନ ରହି ନିଜେ କଷ୍ଟ ପଡି ରୋଜଗାର କରିବାକୁ ସଚେତନ କଲେ ଏବଂ ଏହି ରୋଜଗାର ପ୍ରଦାନରେ ସେମାନେ ଯଥା ସମ୍ଭବ ସହଯୋଗ କରିବେ ବୋଲି କହିବା ସହ ଏଠାରେ ସଞ୍ଜୟ ନାୟକ ନାମକ ଠିକାଦାର ତାଙ୍କର ୭୦ ଲକ୍ଷ ଟଙ୍କାର କାର୍ଯ୍ୟ ଛାତ୍ର ମାନଙ୍କୁ ପ୍ରଦାନ କଲେ ଏବଂ ଏଥିରୁ ସେ କୌଣସି ଲାଭ ନେବେ ନାହିଁ । ପିଲାମାନେ କାର୍ଯ୍ୟ କରିବେ ଏବଂ ସମସ୍ତ ଲାଭ ନେବେ ବୋଲି ପ୍ରତିଶ୍ରୁତି ଦେଲେ । ସେହିପରି ସଞ୍ଜୟ ଜୈନ ଆସନ୍ତା କାଲି ସୁଦ୍ଧା ୩ ରୁ ୪ ଜଣ ପିଲାଙ୍କୁ କାମରେ ରଖିବାକୁ ପ୍ରତିଶ୍ରୁତି ଦେଲେ । ହୋଟେଲ ସିଗ୍ନେଚର ରେ ୨ ରୁ ୩ଟି ଆବଶ୍ୟକ ପ୍ରୋଫାଇଲ୍ ଥିବା ପିଲାଙ୍କୁ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ମାନେ ମଧ ଏହିଭଳି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ କହିଲେ । ଏବଂ ଶେଷରେ ଛାତ୍ର ଏବଂ ଯୁବ ସମାଜ ଭୁଲ ଦିଗରେ ଗତି କଲେ ଏହା ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସହ ଆମ ସମାଜର ବହୁତ କ୍ଷତି ହେବ । ଏଣୁ ସମାଜର ମଙ୍ଗଳ ନିମନ୍ତେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ରବିନ୍ଦ୍ର ମହାପାତ୍ର ମଂଚ ପରିଚାଳନା କରିଥିଲେ ଏବଂ ଏଠାରେ ଅନେକ ଯୁବକ ଏବଂ ଛାତ୍ର ମାନେ ଯୋଗ ଦେଇଥିଲେ ।

# ପିଏମ୍ ଶ୍ରୀ ରାଜା ଆର୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମଶ୍ରୀ ରାଜା ଆର୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ, ପ୍ରଭୁଦତ ପୁରୋହିତ ଓ ପ୍ରତୀକ୍ଷା ରାଣୀ ମେହେର କୁଇଜ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ନିରଞ୍ଜନ ବିଶ୍ୱାଳ, ସାଗର ବାଗ ଓ ଗଜେନ୍ଦ୍ର ହରିଜନ ସ୍କୋରର ତଥା ଟାଇମ୍ ଜଜ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନୀଳିମାରାଣୀ ସାଗର, ଧନଞ୍ଜୟ ମଲ୍ଲିକ, ପୁଷ୍ପାଞ୍ଜଳି ମହାପାତ୍ର, ସରସ୍ୱତୀ ରାଉତ ତଥା କର୍ମଚାରୀ ଦୀପକ ରଞ୍ଜନ ଯୋଶୀ ଉପସ୍ଥିତ ରହିବା ସହିତ ସହଯୋଗ କରିଥିଲେ । ପ୍ରତିଯୋଗିତାର ବରିଷ୍ଠ ସ୍ତରରେ ଛାତ୍ର କାର୍ତିକ ତାଣ୍ଡି ଓ ନାନେଶ ଧୀବର ପ୍ରଥମ, ଖେମରାଜ କୈବର୍ତ ଓ ତରୁଣ ଅଦା ଦ୍ୱିତୀୟ ଏବଂ ହିତେଶ ସାହୁ ଓ ଆଦିତ୍ୟ ନିଆଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ସ୍ତରରେ ପ୍ରଣବ ତାଣ୍ଡି ଓ ବସୁନ୍ଧରା ବିହାରୀ ପ୍ରଥମ, କ୍ରୀଷ୍ଣା ସିଂ ବାରିକ ଓ ଆଶି ବିଭାର ଦ୍ୱିତୀୟ, ଲିଜେଶ ଦୁରିଆ ଓ ମୟଙ୍କ ନିଆଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ପ୍ରକାଶ ଥାଉକି, କୃତୀ ପ୍ରତିଯୋଗୀ ମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ

# ବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

ନୟାଗଡ :ନୟାଗଡ଼ ବ୍ଲକର କାଳିକାପ୍ରସାଦ ପଂଚାୟତ ଅଧୀନ ସିପାହୀ ଅଶୃଢିପା ଗ୍ରାମରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ ୩ଦିନ ଧରି ଧୁମଧାମରେ ପାଳିତ ହୋଇଯାଇଛି । ଗ୍ରାମବାସୀଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରେ ନିର୍ମିତ ଭବ୍ୟ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଅଙ୍କୁରାରୋପଣ ଠାରୁ ଆରମ୍ଭ କରି ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଶେଷ ହୋଇଛି । ବ୍ରାହ୍ମଣ ସମାଜର ପୁରୋଧାମାନଙ୍କ ଦ୍ୱାରା ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ସହ ଦେବନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି କରାଯାଇଛି । ଏ ଅବସରରେ ନିକଟସ୍ଥ ନଦୀରୁ ପୂଜାର୍ଚ୍ଚନା କରି ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ , ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାସ , ବରିଷ୍ଠ ବିଜେପି ନେତା ସନ୍ତୋଷ ପ୍ରଧାନ, ବିଜେଡି ବ୍ଲକ୍ ସଭାପତି ଭଞ୍ଜକିଶୋର ମହାପାତ୍ର, ଭୁବନେଶ୍ୱର ହେଲଥ ଭିଲେଜ ହସ୍ପିଟାଲ ତରଫରୁ ଡଃ ରାମକୃଷ୍ଣ ପାତ୍ର,ସମାଜସେବୀ ପୂର୍ଣଚନ୍ଦ୍ର ସାହୁ, କାଳିକାପ୍ରସାଦ ସରପଂଚଙ୍କ ପ୍ରତିନିଧି ଜଗନ୍ନାଥ ମହାପାତ୍ର, ପୂର୍ବତନ ସରପଂଚ କାଳୁଚରଣ ରାଉତ ପ୍ରମୁଖ ମନ୍ଦିର ପରିସରରେ ଉପସ୍ଥିତ ରହି ପ୍ରଭୁଙ୍କ କୃପା ଲାଭ କରିବା ସହିତ ଗ୍ରାମବାସୀମାନଙ୍କୁ ଉତ୍ସାହିତ କରିଥିଲେ । ଆଖପାଖ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିବା ବେଳେ ସମସ୍ତ ଅତିଥି ମାନଙ୍କୁ ଯୁବ ସାମ୍ବାଦିକ ଭାସ୍କର ଚନ୍ଦ୍ର ସ୍ୱାଇଁ (ବାପି)ଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହା ସହିତ ଗ୍ରାମର ନୂତନ ସଭାପତି ଚନ୍ଦ୍ରମଣୀ ଗୌଡୁ, ସଂପାଦକ ନିର୍ମଳ ଚନ୍ଦ୍ର ସାହୁ, କୋଷାଧକ୍ଷ ପଙ୍କଜ କୁମାର ଗୌଡୁ ଓ କମିଟିର ସମସ୍ତ ସଭ୍ୟ , ନିମନ୍ତ୍ରିତ ପୁରୋହିତ, ମନ୍ଦିରର ପୂଜକ, ସାଂସ୍କୃତିକ କାର୍ଯ୍ୟକ୍ରମର ଶିକ୍ଷକ ଓ ଏକ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀମାନଙ୍କୁ ବାପିଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରାମବାସୀଙ୍କ ତରଫରୁ କରାଯାଇଥିଲା । ସମସ୍ତ ଗ୍ରାମବାସୀଙ୍କ ସହିତ ମୁଖ୍ୟତଃ କର୍ତା ଗୋଲେଖ ଗୌଡୁ, ସମସ୍ତ ମୁଖ୍ୟ ଦାୟିତ୍ୱରେ ଥିବା କୃଷ୍ଣଚନ୍ଦ୍ର ଗୌଡୁ, ମହେଶ୍ୱର ମାଝୀ, ଶ୍ୟାମବନ୍ଧୁ ଗୌଡୁ, ସୁରେନ୍ଦ୍ର କୁମାର ସାହୁ, ଅଲେଖ କୁମାର ଗୌଡୁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଗ୍ରାମ ପରିଚାଳନା କମିଟି ସଭ୍ୟ ଆକୁଳ ଗୌଡୁ,ବାଜେନ୍ଦ୍ର ଗୌଡୁ,ମାଧବ ମହାପାତ୍ର, ପ୍ରହଲ୍ଲାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ମା' ତାରାତାରିଣୀଙ୍କ ଚଇତି ମଙ୍ଗଳବାର ଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି

ଗଞ୍ଜାମ: ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ଚଇତି ମଙ୍ଗଳବାର ଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତ ମାର୍ଚ୍ଚ ମାସ୧୦,୧୭, ୨୪ ଓ ୩୦ ତାରିଖରେ ଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲାପାଳ ଭି କୀର୍ତିଭାସନଙ୍କ ଅଧକ୍ଷତାରେ ପୂର୍ବପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ମାନେ ପ୍ରାକ୍ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଭକ୍ତଙ୍କ ଯାତାୟତ ପାଇଁ ଅଧିକ ବସ୍ ର ବ୍ୟବସ୍ଥା ପାନୀୟ ଜଳର ସୁବିଧା, ଅର୍ଣ୍ଣ ପ୍ରସାଦ ବିତରଣ, ସାଜସଜ୍ଜା ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ଭ୍ରାମ୍ୟମାଣ ଶୌଚାଳୟ, ସ୍ୱାସ୍ଥ୍ୟ ସେବା, ଅଂଶୁଘାତ ଚିକିତ୍ସା, ଆମ୍ବୁଲାନ୍ସ ସେବା, ରାସ୍ତାଘାଟ ମରାମତି, ଅସ୍ଥାୟୀ ସୂଚନା କେନ୍ଦ୍ର, ଭଜନ ସମାରୋହ, ରୋପ ୱେ ଏବଂ ପରିବହନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି । ଚାରୋଟି ସ୍ଥାନରେ ମୁଣ୍ଡନ ପାଇଁ ସ୍ଥାନ ନିରୂପଣ କରାଯାଇଛି । ଯାତ୍ରାକୁ ଶୃଙ୍ଖଳିତ କରିବାକୁ ୧୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଏହି ଆଲୋଚନା ସମୟରେ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ମନ୍ଦିର ଟ୍ରଷ୍ଟ ର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଓ ସେବାୟତମାନେ ଅଂଶଗ୍ରହଣ କରିଥିଲେ ।

# ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ ପାଳିତ

ଜୟପୁର : କୋରାପୁଟ ଜିଲ୍ଲା ବୈପାରୀଗୁଡା ସଦର ମହକୁମା ସ୍ଥିତ କୃଷି ବିଭାଗ କାର୍ଯାଳୟ ପରିସରରେ ଥିବା ସଭାଗୃହରେ ଏମ ଏସ ସ୍ୱାମୀନାଥନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳିତ ହୋଇ ଯାଇଛି । ମିଳିତ ଜାତିସଂଘ ଦ୍ୱାରା ୨୦୨୬ ବର୍ଷକୁ ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ ଭାବେ ଘୋଷଣା କରାଯାଇଛି, ଯାହାର ଲକ୍ଷ୍ୟ କୃଷିକ୍ଷେତ୍ରରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କୁ ସଶକ୍ତ କରିବା । ଏହି ଅବସରରେ ମହିଳା ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା, ପୁଷ୍ଟିଶସ୍ୟ ଚାଷକୁ ପ୍ରୋତ୍ସାହନ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଆଜି ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ ବୈପାରୀଗୁଡ଼ା ଠାରେ ଏକ ବ୍ଲକ ସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମୁଖ୍ୟ ପ୍ରକଳ୍ପ ପ୍ରଶାସିକା ତୃପ୍ତି ବାରାହୀ, ବ୍ଲକ ଉପାଧ୍ୟକ୍ଷା ପୁର୍ଣିମା ବାରିକ, କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସନ୍ତୋଷ କୁମାର ଦଳ ବେହେରା, ଜିଲ୍ଲା କୃଷି ଅଧିକାରୀ ଜୟପୁର ଲୋଲାଟେନ୍ଦୁ ମହାପାତ୍ର, ବୈପାରୀଗୁଡା ସହକାରୀ କୃଷି ଅଧିକାରୀ ନନ୍ଦୁ ଜାନି, ସମନ୍ୱିତ ଶିଶୁ ବିକାଶ ଯୋଜନା କ୍ଷେତ୍ର ପରିଦର୍ଶିକା ଲାଲମତି ସରକାର, ମାଣ୍ଡିଆ ରାଣୀ, ଡ଼ାକ୍ତର ରାଇମତି ଘିଉରିଆ, ସ୍ୱାମୀନାଥନର ଜେଣ୍ଡର ଏକ୍ସପର୍ଟ ସୂର୍ଜିତା ତୁରକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକର ବିଭିନ୍ନ ପଂଚାୟତରୁ ପ୍ରାୟ ସତୁରି ମହିଳା ଚାଷୀ ଏଥିରେ ଯୋଗ ଦେଇଥିଲେ । ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ସମସ୍ତ କର୍ମକର୍ତା ସହଯୋଗ କରିଥିବା ବେଳେ ସଂଯୋଜକ ଅନ୍ତର୍ଯ୍ୟାମୀ ବିଶୋଇ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ୨୦୨୬ ଧାନ କ୍ଷେତ୍ରରେ ଗବେଷଣା -ଉଦ୍ୟୋଗ ସହଯୋଗକୁ ସୁଦୃଢ଼ କଲା



କଟକ: (ନି.ପ୍ର)କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଏବଂ ଧାନ ଗବେଷଣା କର୍ମଚାରୀ ସଂଘ ଦ୍ୱାରା କଟକସ୍ଥିତ ଏହାର ପ୍ରତିଷ୍ଠାନ ପରିସରରେ ଜାତୀୟ ଧାନ କୌଶଳ ଶିଳ୍ପ ନବସୃଜନ ସମ୍ମିଳନୀ ସଫଳତାର ସହ ଆୟୋଜନ କରିଥିଲା, ଯାହା ଧାନ ଗବେଷଣା ଏବଂ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗ ଓ ସମନ୍ୱୟକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସୃଷ୍ଟି କରିଥିଲା ।ସାରା ଦେଶର ବିଭିନ୍ନ ହିତଧାରୀଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏହି ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ (ବୌଦ୍ଧିକ ସମ୍ପତି ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳନା) ଡକ୍ଟର ନୀରୁ ଭୂଷଣ ଏବଂ ବିଧାୟକ (କଟକ ସଦର) ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ, ଡ଼ା. ଜି. ଏ. କେ. କୁମାର, କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ।

ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ଭାଷଣରେ କୃଷକମାନଙ୍କ ପାଇଁ ନବସୃଜନକୁ ବ୍ୟବହାରିକ ସମାଧାନରେ ପରିଣତ କରିବା ପାଇଁ ଗବେଷଣା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ରାଜ୍ୟର କୃଷି ଅଭିବୃଦ୍ଧିରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ନିରନ୍ତର ସମର୍ଥନ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ସେ ଷ୍ଟାର୍ଟ-ଅପ୍ ଏବଂ ଉଦ୍ୟୋଗୀମାନଙ୍କୁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଏବଂ ଧାନ କ୍ଷେତ୍ରରେ ସ୍ଥାୟୀ, କୃଷକ-ଅନୁକୂଳ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ । ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର), ନୂଆଦିଲ୍ଲୀର ସହକାରୀ ନିର୍ଦ୍ଦେଶକ ଜେନେରାଲ (ବୌଦ୍ଧିକ ସମ୍ପତି ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳନା) ଡକ୍ଟର ନୀରୁ ଭୂଷଣ ଗୁରୁତ୍ୱାରୋପ କରିଥିଲେ ଯେ ବୈଜ୍ଞାନିକ ଉଦ୍ଭାବନକୁ ବଜାର ପ୍ରସ୍ତୁତ, ଚାଷୀ-କୈନ୍ଦ୍ରିକ ସମାଧାନରେ ପରିଣତ କରିବା ପାଇଁ ପ୍ରଭାବଶାଳୀ ବୌଦ୍ଧିକ ସମ୍ପତି ପରିଚାଳନା ଏବଂ ଦୃଢ଼ ଶିଳ୍ପ-ଗବେଷଣା ସଂଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ (କଟକ ସଦର), କୃଷକମାନଙ୍କ ଆୟ ଏବଂ ଗ୍ରାମୀଣ ଜୀବିକା ବୃଦ୍ଧି ପାଇଁ କୃଷି ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନବସୃଜନ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାର ଆବଶ୍ୟକ ?ତା ଉପରେ ଆଲୋକପାତ କରିଥିଲେ । ଶିଖର ସମ୍ମିଳନୀର ବୈଷୟିକ ଆଲୋଚନା ଚାରିଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ ଥିଲା-ବଜାରମୁଖୀ ସହନଶୀଳ ଧାନ ପ୍ରଜାତି ଓ ଶିଳ୍ପ ସହଯୋଗ, ସମ୍ପଦ ସଂଚୟ ଓ ସ୍ମାର୍ଟ ଯାନ୍ତ୍ରିକୀକରଣ ମାଧ୍ୟମରେ ଧାନ ପ୍ରଣାଳୀର ପରିବର୍ତ୍ତନ, ବଜାରମୁଖୀ ପ୍ରକ୍ରିୟାକରଣ ଓ ଡିଜିଟାଲ୍ ବିସ୍ତାର, ଏବଂ ହାଇବ୍ରିଡ୍ ଧାନ ଓ ଆପୋମିକ୍ସିସ ମାଧ୍ୟମରେ ଉତ୍ପାଦନ ପ୍ରବିରତା ଭାଙ୍ଗିବା । ଏହି ବିଷୟବସ୍ତୁ ଅଧିବେଶନ ଗୁଡ଼ିକ ଗବେଷଣା-ଶିଳ୍ପ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ତ୍ୱରାନ୍ୱିତ କରିବା ଉପରେ ଗଭୀର ଆଲୋଚନା ପାଇଁ ଏକ କେନ୍ଦ୍ରିତ ପ୍ଲାଟଫର୍ମ ପ୍ରଦାନ କରିଥିଲା ।ଏହି ସମ୍ମିଳନର ମୁଖ୍ୟ ଲକ୍ଷ୍ୟ ଥିଲା ଗବେଷଣା ଓ ଶିଳ୍ପ ମଧ୍ୟରେ ଥିବା ଦୂରତାକୁ କମାଇ ନବୀନତା, ବ୍ୟବସାୟିକୀକରଣ ଓ ରଣନୈତିକ ସହଯୋଗକୁ ପ୍ରୋତ୍ସାହନ ଦେବା । ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକ, ଶିଳ୍ପ ନେତା, କୃଷି-ପ୍ରଯୁକ୍ତି ଉଦ୍ୟୋଗ, ଏଗ୍ରି-ଟେକ୍ କମ୍ପାନୀ, ଷ୍ଟାର୍ଟ-ଅପ୍, ନୀତି ନିର୍ଦ୍ଦେଶକ ଓ ବିକାଶ ସଂସ୍ଥାମାନେ ଅଂଶଗ୍ରହଣ କରିଥିଲେ ।

# ଜ୍ୱାଇଁ ଶଶୁରକୁ ପେଟ୍ରୋଲ ଢାଳି ପୋଡ଼ିବାର ସାତ ଦିନ ପରେ ଶ୍ୱଶୁର ମୃତ



ବାଲିଆପାଳ,(ନି.ପ୍ର)ଶଶୁର ଘର ଲୋକେ ଯୌତୁକ ନ ଦେବାରୁ ଚଳିତ ମାସ ୧୭ ତାରିଖ ରାତିରେ ସ୍ତ୍ରୀକୁ ଜୀବନରୁ ମାରିଦେବାକୁ ଉଦ୍ୟମ କରି ବିଫଳ ହୋଇ ଜ୍ୱାଇଁ ଶଶୁର ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାର ସାତ ଦିନପରେ ସୋମବାର ସନ୍ଧ୍ୟା ପାଂଚଟା ସମୟରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶଶୁର ରାଜେନ୍ଦ୍ର ସାମନ୍ତରାୟଙ୍କର ମୃତ୍ୟୁ ହୋଇ ଯାଇଛି । ଘଟଣାରୁ ପ୍ରକାଶ ବାଲିଆପାଳ ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମର ରାଜେନ୍ଦ୍ର ସାମନ୍ତରାୟଙ୍କ ଝିଅ ଯୋଗମାୟା ସାମନ୍ତରାୟକୁ ସୋର ଅଂଚଳର ମାଳତ୍ରୀ ଗ୍ରାମର କରୁଣାକର କବି ୭ ବର୍ଷ ପୂର୍ବେ ତାଙ୍କ ଘରୁ ନେଇଯାଇ ପ୍ରେମ ବିବାହ କରିଥିଲା । ବିବାହ ପରଠାରୁ ଯୌତୁକ ସହିତ ବିଭିନ୍ନ କାରଣକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ବିବାଦ ଲାଗିଥିବାବେଳେ ନିର୍ଯାତନା ଅଭିଯୋଗରେ ସ୍ତ୍ରୀ ପୂର୍ବରୁ ସୋର ଥାନାରେ ଅଭିଯୋଗ କରି ଆଇନର ସହାୟତା ନେଇଥିଲେ ଏବଂ ପାଖାପାଖି ଏକ ମାସ ବାପ ଘରେ ରହିଥିଲେ । ସୋର ଥାନାରେ ବିଚାର ହେବା ପରେ ସେ ତାଙ୍କର ଦୁଇ ପୁଅ ସହିତ ବାପଘରକୁ ଫେରିଥିଲେ । ତେବେ ଚଳିତ ମାସ ୧୭ ତାରିଖ ରାତିରେ କରୁଣାକର ଶଶୁର ଘର ଗେଟ ଡେଇଁ ଆସିବା ଦେଖି ନଳକୂପ ନିକଟରେ ବାସନ ଧୋଉଥିବା ଶଳା ଭାଉଜ ପାଟି କରିଥିଲେ । କରୁଣାକର ପ୍ରଥମେ ଶଳା ଭାଉଜ ଉପରକୁ ପେଟ୍ରୋଲ ପକାଇ ନିଆଁ ଲଗାଇବାକୁ ଉଦ୍ୟମ କରି ବିଫଳ ହେବାରୁ ଶଶୁର ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ପଳାଇ ଯାଉଥିବା ବେଳେ ଜ୍ୱାଇଁ କରୁଣାକରଙ୍କୁ ଗ୍ରାମବାସୀ କାବୁ କରି ବାଲିଆପାଳ ଥାନାରେ ଜିମା ଦେଇଥିଲେ । ବାଲିଆପାଳ ଥାନା କେସ ନମ୍ବର ୮୮/୨୬ ରେ ଏକ ମାମଲା ରୁଜ କରାଯାଇ ଅଭିଯୁକ୍ତ ଜ୍ୱାଇଁକୁ ବାଲିଆପାଳ ପୋଲିସ କୋର୍ଟକୁ ପଠାଇ ଅଧିକ ତଦନ୍ତ କରୁଥିବା ବେଳେ ଶଶୁର ରାଜେନ୍ଦ୍ରଙ୍କୁ ସୋମବାର ସନ୍ଧ୍ୟାରେ ଆଇସିୟୁକୁ ନେଉଥିବା ସମୟରେ ମୃତ୍ୟୁ ହୋଇ ଯାଇଛି ।ଶଶୁର ରାଜେନ୍ଦ୍ର ସାମନ୍ତରାୟ ବାଲିଆପାଳ ଇସ୍କନ ମନ୍ଦିର ଭକ୍ତ ହୋଇ ଥିବାରୁ ତାଙ୍କ ମର ଶରୀରକୁ ପ୍ରଥମେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ଦଶଟା ସମୟରେ ବାଲିଆପାଳ ଇସ୍କନ ମନ୍ଦିରକୁ ନିଆଯାଇଥିଲା । ସେଠାରେ ମନ୍ଦିର ପକ୍ଷରୁ ତୁଳସୀ ଜଳ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରାଯିବା ପରେ ଜନ୍ମ ମାଟି ନାରାୟଣପୁରରେ ତାଙ୍କର ରାତ୍ରିରେ ଶେଷ କୃତ୍ୟ ସମାପନ ହୋଇଥିଲା ।ତେବେ ଜ୍ୱାଇଁ ଗିରଫ ହୋଇ ଜେଲରେ ରହିଥିବା ବେଳେ ପୋଲିସ କେଶର ଗତିକୁ ମୋଡ଼ ବଦଳାଇ ତଦନ୍ତ ଜାରି ରଖିଛି ବୋଲି ଆଇ ଆଇ ସି ସାଲଖାନ ମୁର୍ମୁ କହିଛନ୍ତି ।

# ମାଲକାନଗିରି କେନ୍ଦୁପତ୍ର ସଙ୍ଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, (ହି.ସ.) - ଆଜି ମାଲକାନଗିରି କେନ୍ଦୁପତ୍ର ସଙ୍ଘ ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଚଳିତ ବର୍ଷ ୧୧୧ ଗୋଟି ପଂଚାୟତରେ କେନ୍ଦୁପତ୍ର ସ୍ଥାନୀୟ ବ୍ୟବସାୟୀ ମାନେ କେନ୍ଦୁପତ୍ର କ୍ରୟ କରିବାକୁ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି । ବିଗତ ବର୍ଷ ବାହାରୁ କେନ୍ଦୁପତ୍ର ବ୍ୟବସାୟୀ ମାନେ କେନ୍ଦୁପତ୍ର କ୍ରୟ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇନଥିବା ଉଲ୍ଲେଖ କରିଥିଲେ । କେନ୍ଦୁପତ୍ର ସଂଘ ସଭାପତି ଘନଶ୍ୟାମ ମାଡକାମୀ, ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟମାନେ ଏ ସଂପର୍କରେ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଦାବି ପତ୍ର ଦେବା ସହିତ ଆଲୋଚନା କରିଥିଲେ । ପ୍ରକାଶ ଥାଉକି କେନ୍ଦୁପତ୍ର କ୍ରୟ ଲାଗି କେନ୍ଦୁପତ୍ର ବ୍ୟବସାୟୀ ମାନେ ପୂର୍ବରୁ ଗ୍ରାମ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ କରୁଥିଲେ । ବର୍ତ୍ତମାନ କେନ୍ଦୁପତ୍ର କ୍ରୟ ଲାଗି ପଂଚାୟତ କାର୍ଯ୍ୟାଳୟକୁ ନଯାଇ ଜିଲ୍ଲା ପଂଚାୟତ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟଙ୍କା ଓ ଆବେଦନ ପତ୍ର ପୈଠ କରାଯିବ ବୋଲି ସଂଘ ଦାବି ପତ୍ର ରେ ଉଲ୍ଲେଖ କରିଛି । ସଂପୃକ୍ତ ଜିଲ୍ଲା ପଂଚାୟତ ଅଧିକାରୀ କେଉଁ ବ୍ୟବସାୟୀ କେଉଁ ପଂଚାୟତରେ କେନ୍ଦୁପତ୍ର କ୍ରୟ କରିବ ବିଜ୍ଞପ୍ତି ପ୍ରକାଶ କରି ନିଷ୍ପତି ଗ୍ରହଣ କରିବେ । ଗତବର୍ଷ କେନ୍ଦୁପତ୍ର କେରି ପ୍ରତି ସରକାରୀ ସ୍ତରରେ ୩ ଟଙ୍କା ୨୦ ପଇସା,ବୋନସ ୮୦ ପଇସା ରେ କ୍ରୟ କରାଯାଇଥିବା ବେଳେ ଘରୋଇ ବ୍ୟବସାୟୀମାନେ ୫ ଟଙ୍କାରେ କେନ୍ଦୁପତ୍ର କେରି କ୍ରୟ କରୁଥିଲେ । ଚଳିତ କେନ୍ଦୁପତ୍ର କ୍ରୟ ଲାଗି କେରି ପ୍ରତି ସରକାରୀ ସ୍ତରରେ ମୂଲ୍ୟ ନିର୍ଦ୍ଧାରଣ ହୋଇ ନଥିବା ବେଳେ ଆଗାମୀ ଦିନରେ ଦର ଧାର୍ଯ୍ୟ ହେବ ବୋଲି କୁହାଯାଉଛି ।

# କମ୍ପ୍ୟୁଟର ଡିଲର ସଂଘ ବୈଠକ

ଜୟପୁର, (ହି.ସ.) - କମ୍ପ୍ୟୁଟର ଡିଲର ସଂଘର ବୈଠକ ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପି.ଗୌତମ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡିଲରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଲୋଚନା କରାଯିବା ସହ ସରକାରୀ ଟେଣ୍ଡରର ପ୍ରକିୟାରେ ଜୟପୁରର ଦୋକାନ ମାଲିକ ମାନେ କିପରି ସାମିଲ ହେବେ ସେନେଇ ଆଲୋଚନା କରାଯାଇଥିଲା । ଠିକରେ ବ୍ୟବସାୟ କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା, ଉପଯୁକ୍ତ ସେବା ଯୋଗାଇଦେବା, ସୁଲଭ ମୂଲ୍ୟରେ କମ୍ପ୍ୟୁଟର ପ୍ରଦାନ କରିବା ପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ଜୟପୁର ସହରରେ ସେଲସ ସର୍ଭିସରେ ଆଇ ଟି ହବ ହେବ ସେଥିନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ବ୍ୟବସାୟୀ ମାନେ ନିଜ ନିଜ ମତ ଦେଇଥିଲେ । ସଙ୍ଘ ପରିଚାଳନା ନିମନ୍ତେ ସଭାପତି ଭାବେ ପ୍ରତ୍ୟୁଷ ମିଶ୍ର ଓ ସାଧାରଣ ସମ୍ପାଦକ ଭାବେ ନିରଜ ପରିଡାଙ୍କୁ ନୂଆରେ ଦାୟିତ୍ୱ ଦିଆଯାଇଛି ।

# ଭାରତୀୟ ମଜଦୂର ସଂଘ ପକ୍ଷରୁ ପ୍ରତିବାଦ ଦିବସ ପାଳିତ

ଭଦ୍ରକ, (ହି.ସ.) - ଭାରତୀୟ ମଜଦୂର ସଂଘ ଭଦ୍ରକ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରି 'ପ୍ରତିବାଦ ଦିବସ' ଭାବେ ଆଜି ଏକ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି । ସରାକରଙ୍କ ନୀତିକୁ ବିରୋଧ କରି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ ଭଦ୍ରକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶତାଧିକ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପାଚିକା ଓ ସହାୟିକା, ନିର୍ମାଣ ମଜଦୂର ସଂଘ ଭଳି ଭାରତୀୟ ମଜଦୂର ସଂଘ ସହିତ ଅନୁବନ୍ଧିତ ସଂଗଂନମାନଙ୍କର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ସଂଘ ପକ୍ଷରୁ ଶ୍ରମିକ ହିତ ସମ୍ବନ୍ଧିତ ଦାବି ସମୂହ ଏକ ଦାବିପତ୍ର ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ଅନ୍ତ୍ୟୋଦୟର ପ୍ରକୃତ ଭାବନା ଅନୁଯାୟୀ ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକଙ୍କ ପାଇଁ ଶ୍ରମ ଆଇନ କଡ଼ାକଡ଼ି ଭାବେ ଲାଗୁ କରିବା, ଶିଳ୍ପ ସମ୍ପର୍କ କୋର୍ଡ୍ ୨୦୨୨ ଏବଂ ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋର୍ଡ଼ - ୨୦୨ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ, ଭାରତୀୟ ଶ୍ରମ ସମ୍ମିଳନୀ କରିବା ଏବଂ ବିଭିନ୍ନ ତ୍ରିପାକ୍ଷିକ କମିଟି ଗୁଡ଼ିକର ପୁନର୍ଗଠନ କରି ସେମାନଙ୍କର ନିୟମିତ ବୈଠକ କରିବା, ସମସ୍ତ ସ୍କିମ୍ ୱାର୍କର୍ ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରାଯିବା, ଇପିଏସ୍ -୯୫ରେ ଥିବା ସର୍ବନିମ୍ନ ପେନ୍ସନ୍ ୧ ହଜାର ଟଙ୍କାରୁ ୭ହଜାର ୫ଶହକୁ ବୃଦ୍ଧି କରିବା ସହିତ ମହଙ୍ଗା ଭତା ପ୍ରଦାନ କରିବା, ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୬ ଏବଂ ୨୧ ଅନୁଯାୟୀ ସ୍କିମ୍ ୱାର୍କର ଓ ଚୁକ୍ତି ଭିତିକ ଶ୍ରମିକମାନଙ୍କୁ ନିୟମିତ କରାଯିବା, ସାଧାରଣ ନିଯୁକ୍ତି ଉପରେ ଥିବା ନିଷେଧାଦେଶକୁ ତୁରନ୍ତ ହଟାଯାଇ ଚାକିରିର ସୁରକ୍ଷା ସହିତ ଗ୍ୟାରେଂଟିଯୁକ୍ତ ନିଯୁକ୍ତି ନିଶ୍ଚିତ କରିବା ଭଳି ବିଭିନ୍ନ ଦାବି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

# ଅର୍ନ୍ତଜାତୀୟ ମହିଳା ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ମାଲକାନଗିରି,(ହି.ସ.) - ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଅର୍ନ୍ତଜାତୀୟ ମହିଳା ଦିବସ-୨୦୨୬ ଉପଲକ୍ଷେ ମାଲ୍ୟବନ୍ତ ହଷ୍ଟେଲ ପରିସରରେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଠାରେ ଜିଲ୍ଲାସ୍ତରୀୟ ସଂଗୀତ, ଝୋଟି, କବାଡି, ଖୋ-ଖୋ ଏବଂ ଦୌଡ଼ି ଟଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକଳ୍ପ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥି ମଧ୍ୟରୁ ବ୍ଲକ୍ ସ୍ତରରେ ପ୍ରତ୍ୟେକ ଖେଳରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଖେଳାଳି ମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଖେଳରେ ଶାରୀରିକ ଖେଳ ଶିକ୍ଷକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ରମାକାନ୍ତ ମାଝୀ, କୁମାରୀ ଖଞ୍ଜନା ଠାକୁର ପରିଚାଳନା କରିଥିଲେ । ଉକ୍ତ ବିଜୟୀ ମାନଙ୍କୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସରେ ସମ୍ମାନିତ କରାଯିବ । ଏହାର ତାଲିକା ରାଜ୍ୟକୁ ପ୍ରଦାନ କରାଯିବ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୌରୀ ନାୟକଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମମତା ଚୌଧୁରୀ, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଓ ଜିଲ୍ଲା ଅଫିସର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲ୍ଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ନାରୀ ସଶକ୍ତି କରଣ କେନ୍ଦ୍ର ର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ । ଜିଲ୍ଲା ସୁରକ୍ଷା ଅଧିକାରୀ ଟି. ଜୟଲକ୍ଷ୍ମୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇ ସଭାକୁ ସାଙ୍ଗ କରିଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଂଚ ଦିନିଆ ଗବେଷଣା ପଦ୍ଧତି କର୍ମଶାଳା

ଜୟପୁର, (ହି.ସ.) - ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଂଚଦିନିଆ "ଗବେଷଣା ପଦ୍ଧତି କର୍ମଶାଳା" ସଫଳତାର ସହ ଆୟୋଜିତ ହୋଇଯାଇଛି । ଭାଷା ସମୂହ ବିଦ୍ୟାପୀଠ ପକ୍ଷରୁ ଆୟୋଜିତ ଏହି କର୍ମଶାଳା ଉଦଯାପିତ ହୋଇଥିଲା । କର୍ମଶାଳାର ଲକ୍ଷ୍ୟ ଥିଲା ଭାଷା ଓ ସାହିତ୍ୟର ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଗବେଷଣା କୌଶଳ, ଏକାଡେମିକ ଲେଖନ କୁଶଳତା ଓ ଗବେଷଣା ନୀତିଶାସ୍ତ୍ର ପ୍ରତି ସଚେତନତା ବୃଦ୍ଧି କରିବା । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ବିଶ୍ୱଭାରତିର ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଉପସ୍ଥିତ ରହି ଅଂଶଗ୍ରାହୀମାନଙ୍କୁ ସମ୍ବୋଧନ କରିଥିଲେ ।

୨୦ ଫେବୃଆରୀରେ ଆୟୋଜିତ ଉଦ୍ଘାଟନୀ ଅଧିବେଶନରେ ଆହମଦାବାଦ ସ୍ଥିତ ସ୍ୱାମୀନାରାୟଣ ସଂସ୍ଥାର ଖ୍ୟାତନାମା ସଂସ୍କୃତ ଆଚାର୍ଯ୍ୟ ମହାମହୋପଧ୍ୟାୟ ସ୍ୱାମୀ ଭଦ୍ରେଶଦାସଜୀ ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ବୋଧନ ଦେଇଥିଲେ । ସେ ତାଙ୍କ ଉତ୍ସାହବର୍ଦ୍ଧକ ଉଦ୍ବୋଧନରେ ଗବେଷଣାରେ ଦାର୍ଶନିକ ସ୍ୱଷ୍ଟତା, ଶାସ୍ତ୍ରୀୟ ଶିଷ୍ଟାଚାର ଓ ନୀତିମୂଲ୍ୟର ଗୁରୁତ୍ୱ ଉଲ୍ଲେଖ କରିଥିଲେ । "ଭାରତୀୟ ଗବେଷଣାରେ ଆସ୍ଥା ରଖି ଏହାକୁ ନୂତନ ଦିଗରେ ଆଗେଇ ନିଅନ୍ତୁ । ଆପଣମାନେ ଭାରତର ଯୁବଶକ୍ତି, ଆପଣମାନେ ସବୁକିଛି ସାଧନ କରିପାରିବେ," ବୋଲି ସେ ଆହ୍ୱାନ କରିଥିଲେ । ସେ ଆଧୁନିକ ଗବେଷଣାରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତାକୁ ମଧ୍ୟ ଉତୋଳନ କରିଥିଲେ ।

କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଗବେଷଣା ସଂସ୍କୃତିକୁ ସୁଦୃଢ କରିବା ଓ ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକତା ଉପରେ ଜୋର ଦେଇ ସେ କହିଥିଲେ, "ଅଧ୍ୟୟନ ପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ । ଯଦି ନିଷ୍ଠା ଓ ଆଗ୍ରହ ରହିବ, ତେବେ ଜ୍ଞାନ ଅର୍ଜନ କରି ସମାଜର ପଥପ୍ରଦର୍ଶକ ହେବା ସମ୍ଭବ ।"ଉଦ୍ଘାଟନୀ ଅବସରରେ ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଶ୍ରୀ ଦୁର୍ଯୋଧନ ସେଠି ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ । ସେ ଉଚ୍ଚ ଶିକ୍ଷା ଓ ଗବେଷଣା ପ୍ରୟାସକୁ ଆଗେଇ ନେବା ପାଇଁ ପ୍ରତିଷ୍ଠାନଗତ ସହଯୋଗ ଓ ସମ୍ପଦ ପରିଚାଳନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ ।

ସଂସ୍କୃତ ବିଭାଗର ସହାୟକ ପ୍ରଫେସର ଡ଼. ଦେବାଶିଷ କର୍ମକାର କାର ?ୟଶାଳାର ସମନ୍ୱୟକ ଭାବେ ଦାୟିତ୍ୱ ପାଳନ କରି ଅତିଥି, ଶିକ୍ଷକମଣ୍ଡଳୀ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ ।

ଭାଷା ସଂକାୟ ଅଧୀନସ୍ଥ ବିଭିନ୍ନ ବିଭାଗର ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ତାଙ୍କର ଶିକ୍ଷାଗତ ମତାମତ ଦ୍ୱାରା ଅଧିବେଶନଗୁଡ଼ିକୁ ସାରଗର୍ଭିତ ଓ ଚିନ୍ତନପ୍ରବଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣେଇଛନ୍ତି ।

# ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ଠିକାଦାର ଙ୍କ ମିଳିତ ସହଯୋଗ ରେ ନିମ୍ନମାନର ଗାର୍ଡ୍ୱାଲ ନିର୍ମାଣ, କୋଟି କୋଟି ଟଙ୍କା ର ମହା ଦୁର୍ନୀତି

ରଣପୁର: ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ଠିକାଦାର ମିଳିତ ସହଯୋଗ ରେ ରଣପୁର ବ୍ଲକ ବଳଭଦ୍ର ପୁର ଗ୍ରାମ ପଂଚାୟତ ର ଆରଡ଼ା ଗ୍ରାମ ଠାରୁ କଣ୍ଡରାସିଂ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଗାର୍ଡ୍ୱାଲ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେବାସହ ଅତ୍ୟନ୍ତ ନିମ୍ନମାନର ନିର୍ମାଣ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି । ମିଳିଥିବା ସୂଚନା ଅନୁଯାୟୀ ଗତ କିଛିଦିନ ହେଲା ରଣପୁର ପୂର୍ତ୍ତ ବିଭାଗ ଆରଡ଼ା ଗ୍ରାମ ରୁ କଣ୍ଡରାସିଂ ପର୍ଯ୍ୟନ୍ତ ରାସ୍ତା ପାର୍ଶ ରେ ଗାର୍ଡ୍ୱାଲ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ମାନଙ୍କର ଠିକାଦାର ପ୍ରୀତି ଯୋଗୁଁ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହେଉଥିବା ଦେଖିବାକୁ ମିଳୁଛି । ନିର୍ମାଣ କାର୍ଯ୍ୟରେ ନିମ୍ନ ମାନର ସିମେଂଟ ବ୍ୟବହାର କରାଯାଉଥିବା ବେଳେ ନିମ୍ନ ମାନର ମେଂଟାଲ ମଧ୍ୟ ବ୍ୟବହାର ହେଉଛି । ଅଟକଳବ୍ୟୟ ଅନୁଯାୟୀ ଉଚ୍ଚ ମାନର ବାଲି ର ବ୍ୟବହାର କରାଯିବା ପରିବର୍ତେ ନିମ୍ନମାନର ନାଳି ରଙ୍ଗର ବାଲିରେ କଂକ୍ରିଟ କାର୍ଯ୍ୟ କରାଯାଉଛି ।ନିର୍ମାଣ କାର୍ଯ୍ୟରେ ପ୍ରଥମେ ମେଟାଲ ବିଛାଯିବା ସହ ଏହା ଉପରେ ନିମ୍ନ ମାନର ସିମେଂଟ ଓ ବାଲିର ଶୃଙ୍ଖଳା ମିଶ୍ରଣ ପକାଇ ତା' ଉପରେ ଅଳ୍ପ ପରିମାଣର ପାଣି ଢଳାଯାଉଛି । ସେହିପରି ନିର୍ମାଣ ପରେ ଅଟକଳ ଅନୁଯାୟୀ ଆବଶ୍ୟକ ପରିମାଣର ପାଣି ମଧ୍ୟ ସିଂଚନ କରାଯାଉନାହିଁ । ସେହିପରି ଅତ୍ୟଧିକ ବାଲି ଏବଂ କମ ପରିମାଣର ସିମେଂଟ ରେ ଗାର୍ଡ୍ୱାଲ ନିର୍ମାଣ କରାଯାଉଥିବା ଓ ଏଥିରେ ଆବଶ୍ୟକ ପରିମାଣର ପାଣି ଦିଆଯାଉନଥିବାରୁ ଏହାର ରଙ୍ଗ ଫିକା ଦେଖାଯିବା ସହ ହାତର ଆଙ୍ଗୁଳି ଘସିଲେ ସେଥିରୁ ବାଲି ଝଡି ଯାଉଛି ବୋଲି ଅଭିଯୋଗ କରିଛନ୍ତି । ଫଳରେ ସମ୍ପୃକ୍ତ ଗାର୍ଡ ୱାଲର ସ୍ଥାୟୀତ୍ୱ କୁ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଏପରି ସ୍ଥଳେ ଜନସାଧାରଣ ଙ୍କ ନିମନ୍ତେ ନିର୍ମାଣ ହେଉଥିବା କୋଟି କୋଟି ଟଙ୍କାର ଗାର୍ଡ୍ୱାଲ ସ୍ଥାୟୀତ୍ୱ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି କ୍ଷ ଗାଡ଼ ୱାଲ ର ଫିକା ରଙ୍ଗ କୁ ଲୁଚେଇବା ପାଇଁ ସିମେଂଟ ଘୋଳା ଦେଇ ଲୁଚେବା ପାଇଁ ଚେଷ୍ଟା କରାଯାଉଛି କ୍ଷ ତେବେ ବାରମ୍ବାର ଅଭିଯୋଗ ଏବଂ ଗଣ ମାଧ୍ୟମ ରେ ପ୍ରକାଶ ପାଇଲା ପରେ ମଧ୍ୟ ଯାନ୍ତ୍ରି ଏବଂ ଠିକାଦାର ଙ୍କ ଗୋଟିଏ ମୁଦ୍ରା ର ଦୁଇପାର୍ଶ୍ୱ ଭଳି କାର୍ଯ୍ୟ କରୁଛନ୍ତି କ୍ଷ ଏହାର ଉଚ୍ଚ ତଦନ୍ତ ପାଇଁ ଅଂଚଳ ବାସୀ ଦାବି କରିଛନ୍ତି ।

# ବୋରିଗୁମ୍ମା ଡବଲ ମର୍ଡ଼ର ଘଟଣାର ପର୍ଦ୍ଦାଫାସ କଲେ କୋରାପୁଟ ଏସପି

ଜୟପୁର, (ହି.ସ.) - ଜଣେ ୧୭ ବର୍ଷୀୟା ନାବାଳିକା ପ୍ରେମ ଓ ପ୍ରେମିକ ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି ଯାହା ବୋରିଗୁମ୍ମା ସମେତ ସାରା କୋରାପୁଟ ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି । ବୋରିଗୁମ୍ମା ସହର ର ଦାସିରି ସାହି ପ୍ରେମ ପାଇଁ ହୋଇଛି ଡବଲ ମର୍ଡର । ନାବାଳିକା ଜଣକ ନିଜ ପ୍ରେମିକ ଓ ପ୍ରେମିକଙ୍କ ସାଙ୍ଗ ମାନଙ୍କ ସହ ମିଶି ନିଜ ମାଆ ଓ ସାନ ଭାଇ କୁ ହତ୍ୟା କରିଛି । ଡବଲ ମର୍ଡର ର ଶିକାର ହୋଇଥିବା ମହିଳା ଙ୍କ ନାମ ଅନୁଷ୍କା ପରିଡା(୪୫ ବର୍ଷ) ଓ ପୁଅ ଏହେମ ପରିଡା(୧୩ ବର୍ଷ) ।ଆଜି କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ବୋରିଗୁମ୍ମା ଏସ୍ଡିପିଓ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ବହୁ ଚର୍ଚ୍ଚିତ ଡବଲ ମର୍ଡର ର ଖୁଲାସା କରିଛନ୍ତି ।ଡବଲ ମର୍ଡର ଘଟଣା ରେ ଜୈନିକ ନାବାଳିକା ,ପ୍ରେମିକ ଓ ପ୍ରେମିକ ର ତିନି ଜଣ ସାଙ୍ଗ ମିଶି କିଭଳି ଭାବେ ହତ୍ୟା କରିଥିଲେ, ସେ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ ।ଅଭିଯୁକ୍ତ ମାନେ ହେଲେ ନାବାଳିକା ର ପ୍ରେମିକ ପି.ଆଦି ନାରାୟଣ ରାଓ(୨୧ ବର୍ଷ) ଘର ଦାସିରି ସାହି ବୋରିଗୁମ୍ମା ଓ ଅନ୍ୟ ତିନି ଜଣ ହେଲେ ପ୍ରୀତ ନାୟକ (୧୯ ବର୍ଷ),ଦାସିରି ସାହି ବୋରିଗୁମ୍ମା, ଆଦି ନାରାୟଣ ପାଣିଗ୍ରାହୀ(୧୯ ବର୍ଷ) ଘର ବିଜାପୁର ଗ୍ରାମ ଓ ଜଗନ୍ନାଥ ଯାନୀ(୨୦ ବର୍ଷ) ନିଜ ଘର କମତା ହୋଇଥିବା ବେଳେ ସେ ବୋରିଗୁମ୍ମା ହାଟପଦା ରେ ରହିଆସୁଥିଲେ ।ପ୍ରକାଶ ଥାଉକି ଗତ ୨୦.୦୨.୨୬ ରେ ମୃତ ମହିଳା ଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ ।ନିଖୋଜ ମାମଲା ର ଠିକ ଦୁଇ ଦିନ ପରେ କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡରାମୁଣ୍ଡା କେନାଲ ରୁ ପୁଅ ର ମୃତ ଦେହ ଉଦ୍ଧାର ହୋଇଥିବା ବେଳେ ଗତକାଲି ମଙ୍ଗଳବାର ସକାଳେ ମାଆ ଅନୁଷ୍କା ପରିଡା ଙ୍କ ମୃତ ଦେହ ଜୟନ୍ତୀଗିରି କେନାଲ ରୁ ମିଳିଥିଲା ।କୋରାପୁଟ ରୁ ସାଇଁଟିଂଫିକ ଟିମ ପହଂଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି ।ମାଆ ଓ ପୁଅ ଙ୍କ ମୃତ ଦେହ କୋରାପୁଟ ମେଡ଼ିକାଲ କଲେଜ ରେ ରଖାଯାଇଛି ।ପରବର୍ତ୍ତୀ ସମୟରେ ଦୁହେଁ ଙ୍କ ମୃତ ପରିବାର ଙ୍କ ସମ୍ମୁଖରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି ।ଅନ୍ୟପଟେ ପୋଲିସ ସାମ୍ବାଦିକ ସମ୍ମିଳନୀରେ ମାଆ ଓ ପୁଅ କୁ କିଭଳି ଭାବେ ହତ୍ୟା ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି ।ଗତ ୧୮.୦୨.୨୬ ରେ ଦାସିରି ସାହି ଅନୁଷ୍କା ପରିଡା ଓ ତାଙ୍କ ପୁଅ ଏହେମ ପରିଡା ଶୋଇଥିବା ବେଳେ ବିଳମ୍ବିତ ରାତିରେ(ପ୍ରାୟ ରାତି ୧ )ଟା ନାବାଳିକା ,ତାର ପ୍ରେମିକ ପି.ଆଦି ନାରାୟଣ, ଆଦି ନାରାୟଣ ପାଣିଗ୍ରାହୀ ଓ ଜଗନ୍ନାଥ ଯାନୀ ମିଶି ପ୍ରଥମେ ମାଆ କୁ ଛୁରୀ ରେ ତଂଟି କାଟିବା ସହ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୁସିଥିଲେ ପରେ ଶୋଇଥିବା କୁ ପୁଅ କୁ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୂସୀ ହତ୍ୟା କଲା ପରେ ଏକ ସ୍କୁଟିରେ ପ୍ରଥମେ ପୁଅ ମୃତ ଦେହ କୁ ଜୟନ୍ତୀଗିରି କେନାଲରେ ଫିଙ୍ଗି ଥିଲେ ।ପରେ ମାଆ ର ମୃତ ଦେହ କୁ ପୁଣି ସ୍କୁଟି ରେ ଆଣି କେନାଲ ରେ ପକାଇଥିଲେ ।ଏଭଳି ଜଘନ୍ୟ ହତ୍ୟାକାଣ୍ଡ ବୋରିଗୁମ୍ମା ଅଂଚଳରେ ପ୍ରଥମ ଘଟଣା ହୋଇଥିବା ବେଳେ ନାବାଳିକା ର ସାହସ କୁ ନେଇ ସ୍ଥାନୀୟ ଅଂଚଳ ରେ ଚର୍ଚ୍ଚା ହେଉଛି ।

# ନାବାଳିକା ପ୍ରେମ ପାଗିଳିନୀର ଉନ୍ମୁକ୍ତ କାଣ୍ଡ: ମାଆ ଓ ଭାଇକୁ ହତ୍ୟା

ବୋରିଗୁମ୍ମା(ନି.ପ୍ର.)ଜଣେ ୧୭ ବର୍ଷୀୟା ନାବାଳିକା ପ୍ରେମ ଓ ପ୍ରେମିକ ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି,ଯାହା ବୋରିଗୁମ୍ମା ସମେତ ସାରା କୋରାପୁଟ ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି ।ଜୈନିକ ନାବାଳିକା କେବଳ ପ୍ରେମ କୁ ସଫଳତା ର ଶୀର୍ଷ ଦେଶରେ ପହଂଚାଇବା ପାଇଁ ନିଜ ଜନ୍ମ କରିବା ମାଆ ଓ ସାନ ଭାଇ କୁ ଜଘନ୍ୟ ହତ୍ୟା କରିବାରେ ପଛାଇନାହିଁ ।

ବୋରିଗୁମ୍ମା ସହର ର ଦାସିରି ସାହି ପ୍ରେମ ପାଇଁ ହୋଇଛି ଡବଲ ମର୍ଡର ।ନାବାଳିକା ଜଣକ ନିଜ ପ୍ରେମିକ ଓ ପ୍ରେମିକ ଙ୍କ ସାଙ୍ଗ ମାନଙ୍କ ସହ ମିଶି ନିଜ ମାଆ ଓ ସାନ ଭାଇ କୁ ହତ୍ୟା କରିଛି ।ଡବଲ ମର୍ଡର ର ଶିକାର ହୋଇଥିବା ମହିଳା ଙ୍କ ନାମ ଅନୁଷ୍କା ପରିଡା(୪୫ ବର୍ଷ) ଓ ପୁଅ ଏହେମ ପରିଡା(୧୩ ବର୍ଷ) ।ଆଜି କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ବୋରିଗୁମ୍ମା ଏସ୍ଡିପିଓ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ସମ୍ମିଳନୀରେ ବହୁ ଚର୍ଚ୍ଚିତ ଡବଲ ମର୍ଡର ର ଖୁଲାସା କରିଛନ୍ତି ।ଡବଲ ମର୍ଡର ଘଟଣା ରେ ଜୈନିକ ନାବାଳିକା ,ପ୍ରେମିକ ଓ ପ୍ରେମିକ ର ତିନି ଜଣ ସାଙ୍ଗ ମିଶି କିଭଳି ଭାବେ ହତ୍ୟା କରିଥିଲେ, ସେ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ ।ଅଭିଯୁକ୍ତ ମାନେ ହେଲା ନାବାଳିକା ର ପ୍ରେମିକ ପି.ଆଦି ନାରାୟଣ ରାଓ(୨୧ ବର୍ଷ) ଘର ଦାସିରି ସାହି ବୋରିଗୁମ୍ମା ଓ ଅନ୍ୟ ତିନି ଜଣ ହେଲେ ପ୍ରୀତ ନାୟକ (୧୯ ବର୍ଷ),ଦାସିରି ସାହି ବୋରିଗୁମ୍ମା,



ଆଦି ନାରାୟଣ ପାଣିଗ୍ରାହୀ(୧୯ ବର୍ଷ) ଘର ବିଜାପୁର ଗ୍ରାମ ଓ ଜଗନ୍ନାଥ ଯାନୀ(୨୦ ବର୍ଷ) ନିଜ ଘର କମତା ହୋଇଥିବା ବେଳେ ସେ ବୋରିଗୁମ୍ମା ହାଟପଦା ରେ ରହିଆସୁଥିଲେ ।ପ୍ରକାଶ ଥାଉକି ଗତ ୨୦.୦୨.୨୬ ରେ ମୃତ ମହିଳା ଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ ।ନିଖୋଜ ମାମଲା ର ଠିକ ଦୁଇ ଦିନ ପରେ କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡରାମୁଣ୍ଡା କେନାଲ ରୁ ପୁଅ ର ମୃତ ଦେହ ଉଦ୍ଧାର ହୋଇଥିବା ବେଳେ ଗତକାଲି ମଙ୍ଗଳବାର ସକାଳେ ମାଆ ଅନୁଷ୍କା ପରିଡା ଙ୍କ ମୃତ ଦେହ ଜୟନ୍ତୀଗିରି କେନାଲ ରୁ ମିଳିଥିଲା ।କୋରାପୁଟ ରୁ ସାଇଁଟିଂଫିକ ଟିମ ପହଂଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି ।ମାଆ ଓ ପୁଅ ଙ୍କ ମୃତ ଦେହ କୋରାପୁଟ ମେଡ଼ିକାଲ କଲେଜ ରେ ରଖାଯାଇଛି ।ପରବର୍ତୀ ସମୟରେ ଦୁହେଁ ଙ୍କ ମୃତ ପରିବାର ଙ୍କ ସମ୍ମୁଖରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି ।ଅନ୍ୟପଟେ ପୋଲିସ ସାମ୍ବାଦିକ ସମ୍ମିଳନୀରେ ମାଆ ଓ ପୁଅ କୁ କିଭଳି ଭାବେ ହତ୍ୟା ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି ।ଗତ ୧୮.୦୨.୨୬ ରେ ଦାସିରି ସାହି ଅନୁଷ୍କା ପରିଡା ଓ ତାଙ୍କ ପୁଅ ଏହେମ ପରିଡା ଶୋଇଥିବା ବେଳେ ବିଳମ୍ବିତ ରାତିରେ(ପ୍ରାୟ ରାତି ୧ )ଟା ନାବାଳିକା ,ତାର ପ୍ରେମିକ ପି.ଆଦି ନାରାୟଣ, ଆଦି ନାରାୟଣ ପାଣିଗ୍ରାହୀ ଓ ଜଗନ୍ନାଥ ଯାନୀ ମିଶି ପ୍ରଥମେ ମାଆ କୁ ଛୁରୀ ରେ ତଂଟି କାଟିବା ସହ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୁସିଥିଲେ ପରେ ଶୋଇଥିବା କୁ ପୁଅ କୁ ଶରୀର ର ବିଭିନ୍ନ ସ୍ଥାନରେ ଛୁରୀ ଭୂସୀ ହତ୍ୟା କଲା ପରେ ଏକ ସ୍କୁଟିରେ ପ୍ରଥମେ ପୁଅ ମୃତ ଦେହ କୁ ଜୟନ୍ତୀଗିରି କେନାଲରେ ଫିଙ୍ଗି ଥିଲେ ।ପରେ ମାଆ ର ମୃତ ଦେହ କୁ ପୁଣି ସ୍କୁଟି ରେ ଆଣି କେନାଲ ରେ ପକାଇଥିଲେ ।ଏଭଳି ଜଘନ୍ୟ ହତ୍ୟାକାଣ୍ଡ ବୋରିଗୁମ୍ମା ଅଂଚଳରେ ପ୍ରଥମ ଘଟଣା ହୋଇଥିବା ବେଳେ ନାବାଳିକା ର ସାହସ କୁ ନେଇ ସ୍ଥାନୀୟ ଅଂଚଳ ରେ ଚର୍ଚ୍ଚା ହେଉଛି ।ପୋଲିସ ପାଂଚ ଅଭିଯୁକ୍ତ ନାମରେ ହତ୍ୟା ମାମଲା କେସ ନମ୍ବର-୪୫/୨୬ ଦଫା-୧୦୩(୧),୩୩୮/୩(୫) ରୁଜୁ କରାଯାଇଛି ।ସାମ୍ବାଦିକ ସମ୍ମିଳନୀରେ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ଓ ଥାନା ଆଇଆଇସି ରାମାନନ୍ଦ ସାହୁ ଉପସ୍ଥିତ ଥିଲେ ।

# ୧୬ ମାର୍ଚ୍ଚରେ ମାଗଣା ସାମୁହିକ ବ୍ରତୋପନୟନ

ପୁରୀ(ନି.ପ୍ର) ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ତା ୧୬ ରିଖ ସୋମବାର ଦିନ ଦ୍ୱାଦଶୀ ତିଥିରେ ବୈଦିକ ରୀତିନୀତିରେ ସାମୁହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନ ପତି ଆଶ୍ରମର ଶ୍ରୀ ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠର ମହନ୍ତ ଶ୍ରୀ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ।ବ୍ରତାଧରୀଙ୍କ ସହିତ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ସମଗ୍ର ସାମଗ୍ରୀ ଯୋଗାଇ ଦିଆଯିବ ।ଏଣୁ ରାଜ୍ୟ ଏବଂ ରାଜ୍ୟ ବାହାରର ଆଗ୍ରହୀ ବ୍ରାହ୍ମଣ ପରିବାର ମାର୍ଚ୍ଚ ତା ୧୩ ରିଖ ସୁଦ୍ଧା ଜୀୟର ସ୍ୱାମୀ ମଠ ବାଲିସାହି ପୁରୀ ମୋବାଇଲ -୯୮୬୧୦୩୩୩୯୭, ୬୩୭୦୧୦୭୧୬୪ ନମ୍ବରରେ ଯୋଗାଯୋଗ କରି ଏହାର ସୁବିଧା ନେବାପାଇଁ ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି ।

# କ୍ଷମା ମେହେର ଡିଗ୍ରୀ ମହାବିଦ୍ୟାଳୟ ତୁକୁଲାର ବାର୍ଷିକ ଉତ୍ସବ ପାଳନ

ନୂଆପଡ଼ା(ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ କ୍ଷମା ମେହେର ଡିଗ୍ରୀ ମହାବିଦ୍ୟାଳୟ ତୁକୁଲା ର ବାର୍ଷିକ ଉତ୍ସବ ପାଳନ



ହୋଇଯାଇଛି କ୍ଷ ଏ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ଶରତ ଚନ୍ଦ୍ର ଚଲାନ ଯୋଗଦେଇ ଛାତ୍ର ଜୀବନର ଲକ୍ଷ୍ୟ ଓ ଚରିତ୍ର ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ମଂଚର ସଭାପତି ଯୁକ୍ତ ତିନି ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ ରବୀନ୍ଦ୍ର କୁମାର ମିଶ୍ର ଛାତ୍ର ମାନଙ୍କର ଭବିଷ୍ୟତ ଗଠନ ଉପରେ ଆଲୋଚନା କରିଥିଲେ କ୍ଷ ସମ୍ମାନୀତ ଅତିଥି ଭାବେ ଡ଼ ଉମାକାନ୍ତ ପଧାନ , ଶ୍ରୀ ରାଜ କିଶୋର ମେହେର ନିଜ ବକ୍ତବ୍ୟରେ ଛାତ୍ରଙ୍କୁ ମାର୍ଗଦର୍ଶନ କରିଥଲେ କ୍ଷ ସଂଯୋଜକ ଦୁଧେଶ୍ୱର ସାହୁ ଓ ସଂଯୋଜୀକା ସ୍ମିତା ରାଣୀ ଜଗତ ମଂଚ ପରିଚାଳନା କରିଥିଲେ କ୍ଷ ଶ୍ରୀ ସଂଜୀବ କୁମାର ଦାଶ , ଶ୍ରୀ ମନମୋହନ ସିଂ ବାବୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଶ୍ରୀମତୀ ଡୁଲେଶ୍ୱରୀ ରଣା ବର୍ଷିକ ବିବରଣୀ ପାଠ କରିଥିଲେ କ୍ଷ ଅଧ୍ୟାପକ ହେମରାଜ ସାହୁ , ଜଗନ୍ନାଥ ବେହେରା , ଚୁଲଧର ବେହେରା , ଗୋପାଳ ଚନ୍ଦ୍ର ଦୁବେ , ରମେଶ ଚନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଆୟୋଜିତ ହେବ "ବିକଶିତ ଭାରତ ୟୁଥ ପାର୍ଲାମେଂଟ-୨୦୨୬"

ଝାରସୁଗୁଡା:(ନି.ପ୍ର.)କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ସେବା ଯୋଜନା (ଏନଏସଏସ) ଏବଂ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ର ଯୁଗ୍ମ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ୨୭ ତାରିଖରେ ଝାରସୁଗୁଡା ଜିଲ୍ଲାସ୍ତରୀୟ "ବିକଶିତ ଭାରତ ୟୁଥ ପାର୍ଲାମେଂଟ-୨୦୨୬" କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ ।ଏ ସମ୍ପର୍କରେ ଆୟୋଜିତ ଏକ ସମ୍ମିଳନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସ୍ପଷ୍ଟ କରି କହିଥିଲେ ଯେ,"ବିକଶିତ ଭାରତ ଓ ୫୦ ବର୍ଷର ଗଣତନ୍ତ୍ର" ଭିତିକ ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ତାଙ୍କର ମତାମତ ଓ ଚିନ୍ତାଧାରା




ଉପସ୍ଥାପନ କରିବେ ।ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏବଂ ସେଠାରୁ ନିର୍ବାଚିତ ପ୍ରତିଭାଗୀମାନେ ଜାତୀୟ ସ୍ତରରେ ପାର୍ଲିଆମେଂଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ପ୍ରତିଯୋଗୀମାନଙ୍କ ପାଇଁ ବୟସ ସୀମା ୧୮ ରୁ ୨୫ ବର୍ଷ ଧାର୍ଯ୍ୟ କରାଯାଇଛି । ପ୍ରତିଯୋଗୀମାନେ ତାଙ୍କର ବକ୍ତବ୍ୟ ଓଡ଼ିଆ, ହିନ୍ଦି କିମ୍ବା ଇଂରାଜୀ ଭାଷାରେ ପ୍ରଦାନ କରିପାରିବେ । ଏଥିରେ ପ୍ରାୟ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି । ଏହି ସମ୍ମିଳନୀ ସଭାରେ ଏନଏସଏସ ଜିଲ୍ଲା ସଂଯୋଜକ ଡ. ଲାଲଧାରୀ ସିଂହ, ବରିଷ୍ଠ ପ୍ରାଧ୍ୟାପକ ତପନ ବାରିକ, , ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଡ. ମନୀଷ କୁମାର ଦ୍ୱିବେଦୀ, ପ୍ରଧ୍ୟାପିକା ପୁର୍ଣିମା ଦାଶ ଡ. ସୁଚରିତା ଦାଶ,ଅଧ୍ୟାପକ ସ୍ୱାଇକର ଏକ୍କା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

# ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଝାରସୁଗୁଡ଼ା(ନି.ପ୍ର.): ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଓଏସଏପି ଦ୍ୱିତୀୟ ବାଟାଲିୟନ ପରେଡ୍ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜୟନ୍ତୀ ଗରତିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୧୯୦ ଜଣ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଅଂଶଗ୍ରହଣ କରିଥିଲେ । ଏହି ଦିନିକିଆ କ୍ରୀଡ଼ା ଉତ୍ସବରେ ଖୋ-ଖୋ, କବଡ଼ି ଏବଂ



ଟଗ୍ ଅଫ୍ ୱାର୍ ଭଳି ପାରମ୍ପରିକ ଖେଳ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଚଙ୍ଗ-ମଙ୍କଞ୍ଚ-ଚଙ୍ଗ ଶ୍ରୀମତୀ ଯାଜ୍ଞସେନୀ ମହାନନ୍ଦ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ କୃଷ୍ଣପ୍ରିୟା ପ୍ରଧାନ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଶ୍ରୀମତୀ ମିନାକ୍ଷୀ ରାଜଙ୍କ ସମେତ ସମସ୍ତ ପ୍ରକଳ୍ପର ସିଡ଼ିପିଓ, ସୁପରଭାଇଜର ଏବଂ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଆକ୍ରମଣ ଓ ଧମକ ଦେଇ ୮୦ହଜାରୁ ଉର୍ଦ୍ଧ୍ୱ ଟଙ୍କା ନେବା ଅଭିଯୋଗରେ ୩ଗିରଫ

କେନ୍ଦୁଝର, (ନି.ପ୍ର.): ଜଣେ ବ୍ୟକ୍ତିଙ୍କୁ ବଳପୂର୍ବକ ଅନଲାଇନରେ ଟଙ୍କା ନେବା ଓ ଆକ୍ରମଣ କରିବା ଘଟଣାରେ ଟାଉନ୍ ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରି କେନ୍ଦୁଝର କୋର୍ଟକୁ ଚାଲାଣ କରିଛି । ଟାଉନ୍ ପୋଲିସ ଟାଉନ୍ ପିଏସ୍ କେସ୍ ନମ୍ବର ୧୫୦ ତାରିଖ ୨୧.୦୨.୨୦୨୬ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୯(୬)/୬୧(୨) ଅନୁଯାୟୀ ବଳ ପୂର୍ବକ ଭାବରେ ଅଟକ ରଖିବା, ଅପରାଧିକ ଧମକ, ଆକ୍ରମଣ ଏବଂ ଆଦାୟ ମାମଲାରେ ସମ୍ପୃକ୍ତ ତିନି ଜଣ ଅଭିଯୁକ୍ତଙ୍କୁ ସଫଳତାର ସହ ଗିରଫ କରିଛି । କେନ୍ଦୁଝର ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି, ୨୧.୦୨.୨୦୨୬ ସନ୍ଧ୍ୟା ପ୍ରାୟ ୭:୦୦ ଟା ସମୟରେ, ଅଭିଯୋଗକାରୀ, ଜିଲ୍ଲା ନୟାଗଡର ଶ୍ରୀ ବିଜୟ କୁମାର ନାୟକ, ବର୍ତମାନ ଯୋଡାର ଧବଳେଶ୍ୱର ହାଇସ୍କୁଲରେ ଶିକ୍ଷକ ଭାବରେ କାର୍ଯ୍ୟରତ, ଟାଉନ୍ ପିଏସ୍ ରେ ହାଜର ହୋଇ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ ଯେ ତାଙ୍କୁ ଅଭିଯୁକ୍ତମାନେ ଏକ ଷଡ଼ଯନ୍ତ୍ର ମାଧ୍ୟମରେ ପ୍ରଲୋଭିତ କରିଥିଲେ । ଅଭିଯୋଗ ଅନୁଯାୟୀ, ତାଙ୍କୁ ୨୦.୦୨.୨୦୨୬ ରେ କେନ୍ଦୁଝରର କବିତ୍ରା ମେଡିକାଲ କଲେଜ ନିକଟରେ ଡକାଯାଇଥା । ସେଠାରେ ଅଭିଯୁକ୍ତମାନେ ଆକ୍ରମଣ କରି ସିଦ୍ଧମଠ ବାଇପାସ ପାଖକୁ ନେଇ କୁରାଢ଼ି ଦେଖାଇ ଧମକ ଦେବା ସହ ପାସୱାର୍ଡ ନେଇ ଅନଲାଇନରେ ୭୫ହଜାର ଓ ଏଟିଏମରୁ ୮ହଜାର ଟଙ୍କା ନେଇଯାଇଥିଲେ । ଅଭିଯୁକ୍ତ ମାନେ ହେଲେ ଜଗନ୍ନାଥପୁର,କୋର୍ଟ ଛକ ପାଖର ଶିବ ଶଙ୍କର ରାଉତ (୨୫) ବୁଲାଦ୍ୱାର ସାହିର ପାଣ୍ଡୁ ଓରଫ ଆଦିତ୍ୟ ସେଠି (୨୪), ଆଟୋପୁର ନିକଟସ୍ଥ ଢେଙ୍କାପୁର ଶାସନର ଦ୍ରୌପଦୀ ପାତ୍ର (୩୫) । ଏମାନେ ଶ୍ରୀ ନାୟକଙ୍କୁ ଆକ୍ରମଣ କରିଥିଲେ ଏବଂ ଜୋରଜବରଦସ୍ତ ଏକ ମୋଟରସାଇକେଲରେ ବାଇପାସ୍ ରୋଡ୍ ଦେଇ ସିଦ୍ଧ ମଠକୁ ନେଇଯାଇଥିଲେ । ଅଭିଯୁକ୍ତମାନେ ତାଙ୍କୁ ଏକ ଲୁହା କୁରାଢ଼ି ସାହାଯ୍ୟରେ ଧମକ ଦେଇଥିଲେ, ତାଙ୍କ ମୋବାଇଲ୍ ଫୋନ୍ ପାସୱାର୍ଡ ବଳପୂର୍ବକ ହାସଲ କରିଥିଲେ, ଅନଲାଇନ୍ ଜରିଆରେ ୭୫,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ ଏବଂ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଏକ ଏଟିଏମ୍ ରୁ ୮,୦୦୦ ଟଙ୍କା ଉଠାଇ ନେଇଥିଲେ । ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ ।



କେନ୍ଦୁଝର ଟାଉନ ଥାନାରେ ଏକ ମାମଲା ପଞ୍ଜିକରଣ ପରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗକାରୀ ଏବଂ ସାକ୍ଷୀମାନଙ୍କୁ ଯାଂଚ କରାଯାଇଥିଲା ଏବଂ ବୈଜ୍ଞାନିକ ସହାୟତା ଲୋଡାଯାଇଥିଲା । ତଦନ୍ତ ସମୟରେଟେକନାକ୍ସନ ବିବରଣୀ ସହିତ ଗୋଟିଏ ରେଡ ମି ୧୩ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ବ୍ୟାଙ୍କ ଷ୍ଟେଟମେଂଟରେ ଟଙ୍କା ଡେବିଟ୍ କାରବାର ଦର୍ଶାଯାଇଥିଲା ।୭୫ ହଜାର ଟଙ୍କା ଅନଲାଇନ୍ ଟ୍ରାନ୍ସଫର ଏବଂ ୮,୦୦୦/- ଟଙ୍କା ଏଟିଏମ ଉଠାଣ ସଂଗ୍ରହ କରାଯାଇଥିଲା ଓ ୮୩,୦୦୦/- ଟଙ୍କା ନଗଦ ଜବତ କରାଯାଇଥିଲା । ଅପରାଧରେ ବ୍ୟବହୃତ ଗୋଟିଏ ଲୁହା କୁରାଢ଼ି ଜବତ କରାଯାଇଥିଲା । ଗୋଟିଏ ଭିଭୋ ଭି ୩୦ପ୍ରୋ ମୋବାଇଲ୍ ଫୋନ୍ ଏବଂ ଗୋଟିଏ ସାମସଙ୍ଗ ଫିଚର୍ ଫୋନ୍ ଜବତ କରାଯାଇଥିଲା ।ଅପରାଧରେ ବ୍ୟବହୃତ ପଞ୍ଜିକୃତ ନଂ ଓଡି ୦୯ଏଇ ୮୭୧୧ ବିଶିଷ୍ଟ ଗୋଟିଏ ବଜାଜ ପଲସର ୧୬୦ ମୋଟରସାଇକେଲ ଜବତ କରାଯାଇଥିଲା । ଟାଉନ ଥାନା ଅଧିକାରୀ ଶ୍ରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି ଯେ ଜଙ୍ଘିରା ଅଂଚଳ ଏବଂ ଆଟୋପୁର ଗ୍ରାମରେ ଚଢାଉ ସମୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । ସମସ୍ତ ଆଇନଗତ ଔପଚାରିକତା ପାଳନ କରିବା ପରେ ସେମାନଙ୍କୁ ୨୫.୦୨.୨୦୨୬ ରେ ଗିରଫ କରାଯାଇଥିଲା ଏବଂ କେନ୍ଦୁଝରର ଏସଡିଜେଏମଙ୍କ କୋର୍ଟକୁ ପଠାଯାଇଥିଲା । ଅପରାଧିକ ପୂର୍ବ ଯାଂଚ ସମୟରେ, ଜଣାପଡିଥିଲା ??ଯେ ଅଭିଯୁକ୍ତ ପାଣ୍ଡୁ ଓରଫ ଆଦିତ୍ୟ ସେଠି ପୂର୍ବରୁ ବିଏନଏସର ବିଭିନ୍ନ ଧାରା ଅନୁଯାୟୀ ଟାଉନ୍ ପିଏସ୍ କେସ୍ ନମ୍ବର ୧୮୬/୨୦୨୫ ରେ ସମ୍ପୃକ୍ତ ଥିଲା । ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ଏବଂ ଅଂଚଳରେ ଭୟ ସୃଷ୍ଟି କରୁଥିବା ରିପୋର୍ଟ ହୋଇଛି ।

# ୨୦୨୭ ମସିହା ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ ଓ ପ୍ରାକ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର /ଛତ୍ରପୁର(ନି.ପ୍ର.) ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ ସୁନୀଲ କୁମାର କେର୍କେଟାଙ୍କ ଅଧକ୍ଷତାରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ୨୦୨୭ ମସିହାରେ ହେବାକୁ ଥିବା ଜନଗଣନା ସମ୍ପର୍କିତ ଦୁଇ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଶେଷ ହୋଇଛି । ଚଳିତବର୍ଷ ଅପ୍ରେଲ ୧୬ ରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଭୁବନେଶ୍ୱରରୁ ଆସିଥିବା ସହକାରୀ ନିର୍ଦ୍ଦେଶକ ଶ୍ରୀ ସୁଜିତ କୁମାର ପ୍ରଧାନ ଓ ଡିପିଏ ଶ୍ରୀ ସନ୍ତୋଷ କୁମାର ଆଚାର୍ଯ୍ୟ ଗଞ୍ଜାମ ଜିଲ୍ଲାର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆଗାମୀ ଜନଗଣନା କୁ କିପରି ସୁଚାରୁରୂପେ କରାଯାଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଓ ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ଅପ୍ରେଲ ମାସ ପ୍ରଥମ ଦୁଇ ସପ୍ତାହରେ ଘର ଗଣନା ଓ ଆତ୍ମଗଣନା କରାଯିବ । ଏହା ଶେଷ ହେବା ପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ । ଜନଗଣନା କାର୍ଯ୍ୟକୁ ଡିଜିଟାଲ ପ୍ରକ୍ରିୟାରେ କରାଯିବ । ଯେ କୌଣସି ବ୍ୟକ୍ତି ସେନ୍ସସ୍ ପୋର୍ଟାଲ ରେ ଲଗ୍ ଇନ୍ କରି ନିଜର ସମସ୍ତ ତଥ୍ୟ ସହଜରେ ଅପଲୋଡ଼ କରିପାରିବେ । ଯଦିଓ ଜନଗଣନା ଦେଶରେ ପ୍ରତି ୧୦ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେବା କଥା, ମାତ୍ର ଏହା ୨୦୧୧ ମସିହା ପରେ ପ୍ରାୟ ୧୫ ବର୍ଷ



ବ୍ୟବଧାନ ପରେ ଜନଗଣନା ହେଉଥିବାରୁ, ଜିଲ୍ଲାର ସମସ୍ତ ନାଗରିକଙ୍କ ଆବଶ୍ୟକୀୟ ତଥ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତାର କେମିତି ସଂଗ୍ରହ କରାଯାଇପାରିବ, ତାହା ଉପରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନ ଗଣନା ଅଧିକାରୀ ଶ୍ରୀ କେର୍କେଟା ଜିଲ୍ଲାର ସମସ୍ତ ଚାର୍ଜ ଅଫିସରଙ୍କୁ ପରାମର୍ଶ ଦେଇଛନ୍ତି । ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ । ଏଥିରେ କେବଳ ବ୍ୟକ୍ତି ବିଶେଷଙ୍କ ଗଣନା ହୁଏ ନାହିଁ , ବରଂ ପ୍ରତ୍ୟେକ ପରିବାରର ସାମାଜିକ ଓ ଆର୍ଥିକ ସ୍ଥିତିର ସବିଶେଷ ବିବରଣୀ ଲିପିବଦ୍ଧ କରାଯାଏ । ଚଳିତ ଥର ଜନଗଣନାକାରୀମାନେ ଜିଲ୍ଲାର ପ୍ରତ୍ୟେକ ଘର କୁ ଘର ଯାଇ ସମସ୍ତ ତଥ୍ୟର ସଠିକ୍ ବିବରଣୀ ଲିପିବଦ୍ଧ କରିବେ । ଏହାକୁ ଆନ୍ତରିକତାର ସହ କଲେ ସବୁ କାମ ସହଜ ଲାଗିବ ବୋଲି ସେ କହିଥିଲେ କ୍ଷ ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଉପଜିଲ୍ଲାପାଳ ଶ୍ରୀ ଅଭିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶ୍ରୀ ଶୁଭାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଶ୍ରୀ ଉମା ଶଙ୍କର ବେହେରା, ଜିଲ୍ଲାର ସମସ୍ତ ତହସିଲଦାର, ନିର୍ବାହୀ ଅଧିକାରୀ, ସମସ୍ତ ବୈଷୟିକ ସହାୟକ ଏହି ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧିମଣ୍ଡଳୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

ବ୍ରହ୍ମପୁର,(ନି.ପ୍ର.): ଯୁକ୍ତରାଷ୍ଟ୍ର ଆମେରିକାର ୟୁଏସଏଫଡିଏର ଏକ ପ୍ରତିନିଧି ମଣ୍ଡଳୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର ଓ ଖାରିଜଳ ଚାଷରେ ଅନୁସରିତ ମାନଦଣ୍ଡର ମୂଲ୍ୟାଙ୍କନ କରିବା ସହିତ ସଠିକ ମାନଦଣ୍ଡ ଅନୁସରଣ କରିଥିବା ହେତୁ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି ।

ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗୋପାଳପୁର ସ୍ଥିତ ଓସିଆନିଡ୍ ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ସିଏଏ, ଏମପିଇଡିଏ, ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅଧିକାରୀ ଓ ଉପଖଣ୍ଡସ୍ତରୀୟ କମିଟି (ଏସଡିଏଲସି) ର ସଦସ୍ୟମାନେ ଉପସ୍ଥିତ ଥିଲେ ।

ୟୁଏସଏଫଡିଏର ପ୍ରତିନିଧିମାନେ ଖାଦ୍ୟ ପରିଚାଳନା, ଉତ୍ପାଦନ ଓ ବିକ୍ରୟ ସମ୍ବନ୍ଧୀୟ ରେକର୍ଡ ସହିତ ଅନ୍ୟାନ୍ୟ ଦସ୍ତାବିଜର ପୁଙ୍ଖାନୁପୁଙ୍ଖ ଭାବେ ଯାଂଚ କରିଥିଲେ । ଯାଆଁଳ ଉତ୍ପାଦନ କେନ୍ଦ୍ରର ବିଭିନ୍ନ ଉପକେନ୍ଦ୍ର ପରିଦର୍ଶନ କରି ସମୁଦ୍ରଜଳ ଆରୋହଣ ପ୍ରଣାଳୀ, ୟୁଭି ଓ ଓଜୋନ୍ ଫିଲଟ୍ରେସନ୍ ପ୍ରକ୍ରିୟା, ପରୀକ୍ଷାଗାର କଲ୍ଚର ପ୍ରଣାଳୀ ଓ ଚିକିତ୍ସା ପ୍ରୋଟୋକଲ୍ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ସିଏଏର ପ୍ରତିନିଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ନୀତିନିୟମ ଅନୁସରଣ, ଜଳବାୟୁ ଓ ପରିବେଶ ସୁରକ୍ଷା ବ୍ୟବସ୍ଥା ଓ ଗୁଣବତା ନିଶ୍ଚିତକରଣ ମାନଦଣ୍ଡ ଆଦି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ।ଏହାପରେ ସେମାନେ ସିଏଏ ଓ ଏମପିଇଡିଏ ପଂଜିକୃତ ଉତ୍ପାଦକ ପ୍ରିୟତୋଷ ପ୍ରଧାନଙ୍କ ଦୁଇ ହେକ୍ଟର ଜମିରେ ପରିବ୍ୟାପ୍ତ ଖାରିଜଳ ଚିଙ୍ଗୁଡ଼ି ଚାଷ କେନ୍ଦ୍ରର ପରିଦର୍ଶନ କରିଥିଲେ । ସେମାନେ ଯାଆଁଳ କ୍ରୟ, ଇନପୁଟ୍ ସର୍ଭିଡି ଓ ପଞ୍ଜିକରଣ ସମ୍ବନ୍ଧୀୟ ଦସ୍ତାବିଜ ଅନୁଧ୍ୟାନ କରିବା ସହିତ ସ୍ୟାମ୍ପଲିଙ୍ଗ, ରପ୍ତାନି ପ୍ରକ୍ରିୟା ଓ ଟ୍ରେସେବିଲିଟି ପ୍ରଣାଳୀ ସମ୍ପର୍କରେ ଚାଷୀ ଓ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଅବଗତ ହୋଇଥିଲେ ।ୟୁଏସଏଫଡିଏ ପ୍ରତିନିଧିମଣ୍ଡଳୀ ଉପଖଣ୍ଡସ୍ତରୀୟ କମିଟିର ସଦସ୍ୟମାନଙ୍କ ସହ ଅନୁଷ୍ଠିତ ବୈଠକରେ ବ୍ରାକିଶ୍ ଜଳ ଚାଷର ପ୍ରସ୍ତାବଗୁଡ଼ିକୁ ଅନୁଧ୍ୟାନ କରିବା ସହିତ କୋଷ୍ଟାଲ୍ ଆକ୍ୱାକଲଚର ଅଥରିଟିଙ୍କୁ ସୁପାରିଶ କରିବାରେ ଏସଡିଏଲସିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।ନୀତିନିୟମର ଅନୁପାଳନ, ପାରଦର୍ଶିତା ଓ ବ୍ୟବସ୍ଥାଗତ ପ୍ରଗତି



ନେଇ ପ୍ରତିନିଧିମଣ୍ଡଳୀ ସନ୍ତୋଷ ବ୍ୟକ୍ତ କରିବା ସହିତ ଗଞ୍ଜାମ ଜିଲ୍ଲାରେ ବ୍ରାକିଶ୍ ଜଳ ଚାଷରେ ହୋଇଥିବା ସମଯୋଚିତ ଉନ୍ନତିର ଉଚ୍ଚପ୍ରଶଂସା କରିଥିଲେ । ଭାରତ ସରକାରଙ୍କ ପାଖରେ ୟୁଏସଏଫଡିଏଙ୍କ ସକାରାତ୍ମକ ରିପୋର୍ଟ ଗଂଜାମର ବ୍ୟବସାୟ ଓ ରପ୍ତାନି ସୁଯୋଗ ବୃଦ୍ଧି କରିବା ସହିତ ଜିଲ୍ଲାର ଜଳଚାଷ ଆହୁରି ସୁଦୃଢ଼ କରିବ ବୋଲି ସ୍ଥାନୀୟ ଅଧିକାରୀମାନେ ଆଶାବ୍ୟକ୍ତ କରିଛନ୍ତି ।ଏହି ପରିଦର୍ଶନ ସମୟରେ ଲିଲିଆନ୍ ହ୍ମ, ଜାକେରି ମିଲ୍, ଆନଷ୍ଟାନି ରିଜ୍କଲା, କାରେନ୍ ସ୍ୱାଜନ୍, ପଙ୍କଜା ପଣ୍ଡା, ଡା. ଶଙ୍କର ରାଓ, ଏ. ରମେଶ ଓ ଏ. ଆନନ୍ଦ ରାଜାଙ୍କ ସମେତ ଡିଏଫଓ, ଗଞ୍ଜାମ ଭରତ ଭୂଷଣ ସାହୁ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଗଞ୍ଜାମ ତହସିଲଦାର ସୁକାନ୍ତ କୁମାର ମିଶ୍ର, ଏସିଏଫ, ବ୍ରହ୍ମପୁର, ଜିଲ୍ଲା କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନୁଶାସନର ଗୁରୁତ୍ୱ ଉପରେ ଜୋର ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଦିନ ଏକ ସଂସ୍କୃତ ସୁଭାଷିତ ସେୟାର କରି ଜ୍ଞାନର ମୂଳ ଭିତି ଏବଂ ଦୈନିକ ଶିଷ୍ଟାଚାରର ସୁରକ୍ଷାର ନିର୍ଣ୍ଣାୟକ ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସ ପୋଷ୍ଟରେ ଏହି ସୁଭାଷିତ ସେୟାର କରିଥିଲେ—"ବିପ୍ରୋ ବୃକ୍ଷସ୍ତସ୍ୟ ମୂଳଂ ଚ ସନ୍ଧ୍ୟା ବେଦାଃ ଶାଖା ଧର୍ମକର୍ମାଣି ପତ୍ରମ୍ । ତସ୍ମାନ୍ମୂଳଂ ଯତ୍ନତୋ ରକ୍ଷଣୀୟଂ ଛିନ୍ନେ ମୂଲେ ନୈବ ଶାଖା ନ ପତ୍ରମ୍"ଏହି ସୁଭାଷିତର ଅର୍ଥ ହେଉଛି— ଜଣେ ଜ୍ଞାନୀ ବ୍ୟକ୍ତି ଗଛ ସମାନ । ସେହି ଜ୍ଞାନରୂପୀ ବୃକ୍ଷର ମୂଳ ହେଉଛି ଦୈନିକ ଉପାସନା । ବେଦ ତାହାର ଶାଖାମୂଳ ଏବଂ ସତ୍କର୍ମ ହେଉଛି ତାହାର ପତ୍ର । ତେଣୁ ମୂଳକୁ ସାବଧାନତା ସହ ରକ୍ଷା କରିବା ଆବଶ୍ୟକ, କାରଣ ଯଦି ମୂଳ ନଷ୍ଟ ହୋଇଯାଏ, ତେବେ ଶାଖା ଓ ପତ୍ର କିଛି ମଧ୍ୟ ରହିବ ନାହିଁ ।

## ହୋର୍ଡିଂ ଖସି ୨ ଜଣଙ୍କ ମୃତ୍ୟୁ ଘଟଣାରେ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭୁବନେଶ୍ୱର ଆଇଗିଣିଆରେ ହୋର୍ଡିଂ ପଡ଼ି ୨ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଉଗଜରରୁ ଏହି ଅନୁକମ୍ପା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ୍ସ'ରେ ଏହା ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ ମଙ୍ଗଳବାର କାଳବୈଶାଖୀରେ ଭୁବନେଶ୍ୱର ଆଇଗଣିଆ ନିକଟରେ ଏକ ହୋର୍ଡିଂ ଭୁଶୁଡି ପଡି ଏକ ପାନ ଦୋକାନ ଉପରେ ପଡିଥିଲା । ହୋର୍ଡିଂ ତଳେ ଚାପି ହୋଇ ଟୁନା ଗୌଡ ଓ ସଚ୍ଚିଦାନନ୍ଦ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା ।



## ମାର୍ଚ୍ଚରୁ ଆରମ୍ଭ ହେବ ବାରିପଦାରୁ ଭୁବନେଶ୍ୱର ଏୟାର ଟ୍ୟାକ୍ସି ସେବା

ଭୁବନେଶ୍ୱର: ବାରିପଦାରୁ ଭୁବନେଶ୍ୱର ଏୟାର ଟ୍ୟାକ୍ସି ସେବା ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି । ମଙ୍ଗଳବାର ପଓ୍ୱନ ହଂସ କମ୍ପାନୀ ପକ୍ଷରୁ ଟ୍ରାଏଲ ରନ୍ ହୋଇଛି । ଏନେଇ ରାଜ୍ୟ ବାଣିଜ୍ୟ , ପରିବହନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଲୋଚନା କରାଯାଇଛି । ବାରିପଦା ପୋଲିସ ଲାଇନ ହେଲିପ୍ୟାଡ ଠାରୁ ଭୁବନେଶ୍ୱର ବିମାନ ବନ୍ଦରକୁ ଏହି ସେବା ମିଳିବ । ବର୍ତମାନ ପାଇଁ ମାସକୁ ୪ ରୁ ୫ ଥର ଉଡାଣ ଭରିବ ହେଲିକପ୍ଟର । ଭୁବନେଶ୍ୱରରୁ ପର୍ଯ୍ୟଟକ ମାନଙ୍କୁ ଆଣି ବାରିପଦା ପହଁଚାଇବା ଓ ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ଠାରେ ରହଣୀ ବ୍ୟବସ୍ଥା କରିବାର ବ୍ୟବସ୍ଥା କରାଯାଇଛି । ଏହି ସେବା ଆରମ୍ଭ ଫଳରେ ମୟୁରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ବାଣିଜ୍ୟ ଓ ଏମରଜେନ୍ସିରେ ଉନ୍ନତ ସେବା ମିଳିପାରବ ।





### ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬

# ଦର୍ଶକ ନୁହେଁ, ଭାଗୀଦାର ଭାବେ ଭାରତକୁ ବିଶ୍ୱର ସମର୍ଥନ

ନୂଆଦିଲ୍ଲୀ: ଭାରତ ଆଜି ସେହି ଭୂମି, ଯାହାକୁ ସାରା ବିଶ୍ୱ ନିଜର ଭବିଷ୍ୟତ ଓ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ଭାବେ ଦେଖୁଛି । ଯୁବଶକ୍ତିର ସୃଜନଶୀଳତା, ଟେକ୍ନୋଲୋଜିର ଦ୍ରୁତ ଅଭ୍ୟୁଦୟ ଏବଂ ମାନବ କଲ୍ୟାଣକୁ ପ୍ରାଥମିକତା ଦେବାର ଦୃଢ଼ ସଙ୍କଳ୍ପ ଭାରତକୁ ବିଶ୍ୱ ମଂଚରେ ନେତୃତ୍ୱ ଦେଇଛି । ସେହି ପରିପ୍ରେକ୍ଷିରେ ଫେବୃଆରୀର ଶେଷ ସପ୍ତାହରେ ଭାରତ ମଣ୍ଡପମ୍, ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆ ଏଆଇ ସମିଟ୍ ୨୦୨୬କୁ ଅନୁଭବ କରିବା ପାଇଁ ବିଶ୍ୱର ନେତା, ନୀତିନିର୍ମାତା ଓ ପ୍ରଯୁକ୍ତି ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ । ସେମାନଙ୍କର କେବଳ ଉପସ୍ଥିତି ନୁହେଁ, ସକ୍ରିୟ ଭାଗିଦାରୀ ଏହା ପ୍ରମାଣ କରିଛି ଯେ ଭବିଷ୍ୟତ ଗଢ଼ିବାରେ ସେମାନେ ଭାରତକୁ ସହଭାଗୀ କରିବାକୁ ଆଗ୍ରହୀ ଏବଂ ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବାରେ ପ୍ରତିବଦ୍ଧ । ସେଥିପାଇଁତ ଭାରତ ମଣ୍ଡପମ୍ର ସମ୍ମୁଖରେ ପଡୁଥିବା ସୁନେଲ୍ ସୂର୍ଯ୍ୟ କିରଣର ପ୍ରଚ୍ଛଦପଟରେ ବିଶ୍ୱର ୧୩ ଦେଶ ସେମାନଙ୍କ ପାଖରେ ଥିବା ସୁଯୋଗକୁ ଉନ୍ମୋଚିତ କରିବାକୁ କୁଣ୍ଠାବୋଧ କରିନାହାନ୍ତି । ପ୍ରତ୍ୟେକ ଦେଶର ପାଭିଲିୟନ୍ ଛିଡ଼ା ହୋଇ ଏକ ସ୍ୱଷ୍ଟ ଲକ୍ଷ୍ୟର ପରିପ୍ରକାଶ କରିଛନ୍ତି । ଅଷ୍ଟ୍ରେଲିଆ, ଜାପାନ, ରୁଷ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ, ସର୍ବିଆ, ଏଷ୍ଟୋନିଆ, ତାଜିକିସ୍ତାନ ଏବଂ ଏକ ମିଳିତ ଆଫ୍ରିକୀୟ ପାଭିଲିୟନ୍ - ସମସ୍ତେ ନୂତନ ଚିନ୍ତାଧାରା, ନିବେଶ ଏବଂ ଏକ ଶାନ୍ତ ଅଭିଳାଷା ସହିତ ଏଠାରେ ପହଂଚିଥିଲେ । ଫେବୃଆରୀ ୧୬ ରୁ ୨୧, ୨୦୨୬ ପର୍ଯ୍ୟନ୍ତ, ସମ୍ମିଳନୀ ସହିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ' ଅନୁଷ୍ଠିତ ହୋଇଯାଇଛି । ଦଶଟି ଆରେନା ଏବଂ ୭୦,୦୦୦ ବର୍ଗ ମିଟରରୁ ଅଧିକ ଅଂଚଳରେ ପରିବ୍ୟାପ୍ତ ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ବିଭିନ୍ନ ଦେଶର ପ୍ରତିନିଧି, ପ୍ରଯୁକ୍ତିବିଦ୍ୟା ନେତୃବୃନ୍ଦ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଆଲୋଚନାକରିବା ସହ ପ୍ରଦର୍ଶନ ପାଇଁ ନିର୍ମିତ ବିଶାଳ ହଲ୍ଗୁଡ଼ିକ ମଧ୍ୟରେ ନିଜର ଅଭିଜ୍ଞତା ସାଉଁଟିଛନ୍ତି । ଅତ୍ୟଧିକ ଆଗ୍ରହକୁ ଦୃଷ୍ଟିରେ ରଖି ଭାରତ ସରକାର ଏହି ପ୍ରଦର୍ଶନୀକୁ ଆଉ ଏକ ଅତିରିକ୍ତ ଦିନ ପାଇଁ ବୃଦ୍ଧି କରିଥିଲେ । ଯାହା ଶନିବାର, ୨୧ ଫେବୃଆରୀରେ ସର୍ବସାଧାରଣଙ୍କ ପାଇଁ ଖୋଲା ରହିଥିଲା । ଫଳରେ ଆଗନ୍ତୁକମାନେ ଏକ ଅଧିକ ଆରାମଦାୟକ ଅନୁଭୂତି ନେବାରେ ସକ୍ଷମ ହୋଇପାରିଥିଲେ । ଏହି ପଦକ୍ଷେପଟି ସରଳ କିନ୍ତୁ ଅନେକ କିଛି ସୂଚାଉଛି । ଏହା କହୁଛି ଯେ, ଏ ସୁଯୋଗ କେବଳ ଏକ ବନ୍ଦ କୋଠରୀ ମଧ୍ୟରେ ସୀମିତ ଆଲୋଚନା ନୁହେଁ, ଏହା ଏକ ସର୍ବସାଧାରଣ ମୁହୂର୍ତ । ଏହି ସମସ୍ତ ବିଷୟର କେନ୍ଦ୍ରବିନ୍ଦୁରେ ରହିଛି ସଭ୍ୟତାଗତ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଏକ ବିଷୟବସ୍ତୁ - 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' - ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି । ନିଜର ଉଦ୍ଘାଟନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଏହା ହେଉଛି କୃତ୍ରିମ ବୁଦ୍ଧିମତା (ଏଆଇ) ପାଇଁ ଭାରତର ମାନଦଣ୍ଡ । ସେ ବିବିଧତା, ଜନସଂଖ୍ୟା ଏବଂ ଗଣତନ୍ତ୍ରକୁ ଭାରତର ଚିରସ୍ଥାୟୀ ଶକ୍ତି ଭାବରେ ବର୍ଣ୍ଣନା କରିଛନ୍ତି । ଯେକୌଣସି ଏଆଇ ମଡେଲ ଯାହା ଭାରତରେ ସଫଳ ହୁଏ, ତାହା ବିଶ୍ୱସ୍ତରରେ ମୁତୟନ କରାଯାଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି । ଏହାପରେ ସେ ନିମନ୍ତ୍ରଣ ଜଣାଇଛନ୍ତି - ଭାରତରେ ଡିଜାଇନ୍ ଏବଂ ବିକାଶ କରନ୍ତୁ । ବିଶ୍ୱକୁ ପ୍ରଦାନ କରନ୍ତୁ । ମାନବିକତାକୁ ପ୍ରଦାନ କରନ୍ତୁ । ଏହି ଶବ୍ଦଗୁଡ଼ିକ ହଲ୍ର ସୀମା ଅତିକ୍ରମ କରି ବହୁ ଦୂର ପର୍ଯ୍ୟନ୍ତ ବ୍ୟାପିଯାଇଛି । ୧୩ଟି ଦେଶର ପାଭିଲିୟନ୍ ଏହି ଶବ୍ଦଗୁଡ଼ିକୁ ବାସ୍ତବ ରୂପ ଦେଉଛି । ଫ୍ରାନ୍ସ ପାଭିଲିୟନ୍ରେ, ଯାହାକୁ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ପରିଦର୍ଶନ କରିଥିଲେ, ୨୯ଟି କମ୍ପାନୀ ଫ୍ରାନ୍ସର ପ୍ରଯୁକ୍ତିବିଦ୍ୟାର ଶ୍ରେଷ୍ଠତା ପ୍ରଦର୍ଶନ କରୁଛନ୍ତି । ଏହି ଗସ୍ତ 'ଭାରତ ଫ୍ରାନ୍ସ ନବସୃଜନ ବର୍ଷ'ର ଏକ ଉତ୍ସାହଜନକ ଆରମ୍ଭକୁ ଚିହ୍ନିତ କରୁଛି ।



## 'ସୁଭଦ୍ରା' ଯୋଜନାକୁ ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ

ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଥିରେ ଅଧକ୍ଷତା କରିଥିଲେ । ବୈଠକରେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାଜ୍ୟ ସରକାରଙ୍କ ପ୍ରମୁଖ 'ସୁଭଦ୍ରା' ଯୋଜନାର ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, 'ଯେତେବେଳେ ସରକାରୀ ସହାୟତା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯାଏ, ତାହା ସେମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିଥାଏ ।' ଏଥି ସହ ସେ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ 'ତିଥି ଭୋଜନ' ଆୟୋଜନ ତଥା ପୋଷଣ ଦିବସ ଅଥବା ପୋଷଣ ସପ୍ତାହ ପାଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେ ନାଗରିକ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ରାଜ୍ୟରୁ ଅପପୁଷ୍ଟି ନିର୍ମୂଳ କରିବାରେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି । ଓଡ଼ିଶାର ଗ୍ରାମାଂଚଳରେ ସରକାରଙ୍କର ବିଭିନ୍ନ ଯୋଜନାର ସକରାତ୍ମକ ପ୍ରଭାବ ଦେଖି ସେ ସନ୍ତୋଷ ପ୍ରକାଶ କରିବା ସହ କେନ୍ଦ୍ର-ରାଜ୍ୟ ସମନ୍ୱୟ ମାଧ୍ୟମରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ଉଦ୍ ?ବୋଧନରେ କହିଥିଲେ ଯେ, ମହିଳାଙ୍କ ସାମଗ୍ରିକ ସଶକ୍ତିକରଣ ଓ ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା । ଆସନ୍ତା ୮ ମାର୍ଚ୍ଚ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଜମା ହେବାକୁ ଯାଉଥିବାରୁ, ଏହାର ସମୟୋପଯୋଗୀ ଓ ପାରଦର୍ଶୀ ବିତରଣ ପାଇଁ ବିଭାଗ କାମ କରୁଛି । ଏହା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଚାଲିଥିବା ଯୋଜନାଗୁଡ଼ିକ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନମାନ ଉନ୍ନତ କରିବା ଦିଗରେ ଓଡ଼ିଶା ଆଗୁଆ ହେଉଛି ବୋଲି ସେ ମତ ରଖିଥିଲେ । ବୈଠକରେ ପୋଷଣ, ସୁରକ୍ଷା ଓ ଶିକ୍ଷା , ଏହି ତିନି ମୂଳ ମାର୍ଗରେ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା । ମିଶନ ବାତ୍ସଲ୍ୟ, ଆଶୀର୍ବାଦ, ଯଶୋଦା ଏବଂ ବେଟି ବଚାଓ ବେଟି ପଢ଼ାଓ ପରି ଯୋଜନାର ପ୍ରଭାବ ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ । ଦୂରଗାମୀ ଓ ଜନଜାତି ଅଂଚଳରେ କାର୍ଯ୍ୟାନ୍ୱୟନ, କୁପୋଷଣ ଓ ଶିଶୁ ବିବାହ ପରି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଘାଲ ଓ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



## କଟକର ଐତିହ୍ୟ ସ୍ଥଳୀ ପରିଦର୍ଶନ କଲେ ମଧ୍ୟପ୍ରଦେଶ ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର : ରାଜ୍ୟର ବିକାଶମୂଳକ କାର୍ଯ୍ୟ,ସମୃଦ୍ଧ ଐତିହ୍ୟ, ଏବଂ ସଂସ୍କୃତିର ଅନୁଧାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶର ଗଣମାଧ୍ୟମ ପ୍ରତିନିଧି ଦଳ, ଆଜି କଟକର ଦୁଇ ପ୍ରମୁଖ ଐତିହ୍ୟ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ପ୍ରତିନିଧି ଦଳ ପ୍ରଥମେ ଓଡ଼ିଆ ବଜାର ସ୍ଥିତ "ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ" ଏବଂ ପରେ କଟକର ଐତିହାସିକ "ନ୍ୟାୟ ସଂଗ୍ରହାଳୟ" (ମ୍ୟୁଜିୟମ ଅଫ ଜଷ୍ଟିସ) ବୁଲି ଦେଖିବା ସହ ଓଡ଼ିଶାର ଇତିହାସ ଓ ନ୍ୟାୟିକ ବିବର୍ତନ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ପ୍ରତିନିଧି ଦଳ ନେତାଜୀଙ୍କ ଜନ୍ମସ୍ଥାନ ପୈତୃକ ଭବନରେ ପହଂଚି ମହାନ ସଂଗ୍ରାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେଠାରେ ସଂରକ୍ଷିତ ଥିବା ନେତାଜୀଙ୍କ ଶୈଶବର ସ୍ମୃତି, ବ୍ୟକ୍ତିଗତ ବ୍ୟବହୃତ ସାମଗ୍ରୀ, ବିରଳ ଫଟୋଗ୍ରାଫ୍ ଏବଂ ପତ୍ରାବଳୀକୁ ଦେଖି ତାଙ୍କର ସଂଗ୍ରାମମୟ ଜୀବନୀ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ । ସେହିପରି ନ୍ୟାୟ ସଂଗ୍ରହାଳୟ ପରିଦର୍ଶନ ସମୟରେ ଓଡ଼ିଶାର ଶତାବ୍ଦୀ ପୁରୁଣା ଆଇନଗତ ଦଲିଲ ଏବଂ ବିଚାର ବିଭାଗୀୟ ଢାଂଚାର ପରିବର୍ତନ ସମ୍ପର୍କରେ ସେମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ଓଡ଼ିଶାର ଏହି ମହାନ ଐତିହ୍ୟକୁ ସଠିକ ଭାବେ ସଂରକ୍ଷଣ କରିବାରେ ପ୍ରଶାସନର ଉଦ୍ୟମକୁ ସେମାନେ ବେଶ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିନିଧି ଦଳ ମତ ଦେଇଥିଲେ ଯେ, ଏହି ଗସ୍ତ ଓଡ଼ିଶାର ପ୍ରଗତିଶୀଳ ବୈଷୟିକ ଜ୍ଞାନକୌଶଳ ସହ ଏହାର ଗୌରବମୟ ଅତୀତକୁ ବୁଝିବାରେ ଏକ ସେତୁ ସଦୃଶ ଅଟେ । ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ସଭ୍ୟତା ସାରା ଭାରତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ଏହି ପରିଦର୍ଶନ ଦ୍ୱାରା ମଧ୍ୟପ୍ରଦେଶ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।



## ଜାତୀୟ ମାନବାଧିକାର ଆୟୋଗ ମନିଟରଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର : ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ମନିଟର ଶ୍ରୀ ବାଲକ୍ରୀଷ୍ଣ ଗୋଏଲ ୬ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଂଚିଛନ୍ତି । ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସେ ଓଡିଶା ଗସ୍ତରେ ରହିବେ । ଆଜି ଅପରାହ୍ନରେ ସେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ ପହଂଚିବା ପରେ ଭୁବନେଶ୍ୱର ଉପଜିଲ୍ଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ । ଆଜି ସେ ସିଆରପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଂଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ । ସେଠାରେ ସେ ହିତାଧିକାରୀଙ୍କୁ ସହ ଆଲୋଚନା କରି ରେସନର ସମୟୋଚିତ ବଂଟନ, ଚାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରାଉଥିଲେ । ପିଡ଼ିଏସ ସାମଗ୍ରୀ ବଂଟନ ବ୍ୟବସ୍ଥା ପ୍ରତି ସେ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ନିରୀକ୍ଷଣ ସମୟରେ ସିଏସଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ପରେ ସେ Subhadra Mohatab Seva Sadan Special Adoption Centre, ଖଣ୍ଡଗିରିର କେନ୍ଦ୍ରକୁ ଯାଇ ୬ ବର୍ଷରୁ କମ ବୟସର ଅନାଥ ଓ ଅସହାୟ ଶିଶୁମାନଙ୍କ ସହ ସମୟ ବିତାଇଥିଲେ । ସେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମଧ୍ୟ ନେଇଥିଲେ । କର୍ମଚାରୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚାଲୁ କରିବା ସହ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧକ୍ଷ ଓ ସଚିବ ଉପସ୍ଥିତ ଥିଲେ । ପ୍ରଥମ ଦିନର ଗସ୍ତ ଅବସରରେ ସେ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟର ଅଗ୍ରଗତି ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ ।



## ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା

ଭୁବନେଶ୍ୱର : ଆସନ୍ତା ହୋଲି ଏବଂଦୋଳ ଯାତ୍ରା ପର୍ବ ସମୟରେ ସୁଗମ, ଆରାମଦାୟକ ଏବଂ ଉତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ, ଭାରତୀୟ ରେଳବାଇ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି । ଅତିରିକ୍ତ ଯାତ୍ରୀ ଭିଡ଼ ଦୂର କରିବା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ଅତିରିକ୍ତ ସଂଯୋଗ ପ୍ରଦାନ କରିବା ପାଇଁ ଏହି ସ୍ୱତନ୍ତ୍ର ଟ୍ରେନ୍ଗୁଡ଼ିକୁ ପ୍ରଚଳନ କରାଯାଉଛି । ପାର୍ବଣ ଋତୁରେ, ଯାତ୍ରା ଚାହିଦାରେ ନିରନ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି , ଓଡ଼ିଶାର ପ୍ରମୁଖ ଷ୍ଟେସନ ଯେପରିକି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର ନୂଆ, ପୁରୀ, ବ୍ରହ୍ମପୁର ଏବଂ ମାଳତୀପାଟପୁରକୁ ଦେଶର ପ୍ରମୁଖ ସ୍ଥାନ ସହିତ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରାଯାଇଛି । ଏହି ସ୍ୱତନ୍ତ୍ର ଟ୍ରେନ୍ଗୁଡ଼ିକ ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ ଏବଂ ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା କରାଯାଇଛି,ଯାହା ଦ୍ୱାରା ଭିଡ଼କୁ ଆହୁରି କମ କରାଯାଇପାରିବ ଏବଂ ପାର୍ବଣ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରାଯାଇପାରିବ । ଯାହା ଦ୍ୱାରା ହୋଲି ପର୍ବ ସମୟରେ ଯାତ୍ରୀମାନଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଯାତ୍ରା ସହଜ ହେବ । ସଦ୍ୟତମ ସୂଚନା ପାଇଁ ଅନୁମୋଦିତ ରେଳ ଅନୁସନ୍ଧାନ ପ୍ରଣାଳୀ ଏବଂ ଆଇ. ଆର. ସି. ଟି. ସି. ପ୍ଲାଟଫର୍ମ ମାଧ୍ୟମରେ ଟ୍ରେନ୍ କାର୍ଯ୍ୟସୂଚୀ, ରହଣି ଏବଂ ବୁକିଂ ଉପଲବ୍ଧତା ଯାଂଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।



## ଅଷ୍ଟ୍ରେଲିଆକୁ ହରାଇ ହୋବର୍ଟ ପର୍ଯ୍ୟାୟ ଶେଷ କଲା ଭାରତ



ହୋବର୍ଟ: ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ପରାଜୟ ଧାରାରେ ବ୍ରେକ୍ ଲାଗିଛି । ରାଉରକେଲା ପର୍ଯ୍ୟାୟରେ ଲଗାତାର ଚାରିଟି ମ୍ୟାଚ୍ ହାରିବା ପରେ ଅଷ୍ଟ୍ରେଲିଆର ହୋବର୍ଟ ପର୍ଯ୍ୟାୟରେ ଲଜ୍ଜାଜନକ ପ୍ରଦର୍ଶନ କରି ଆସୁଥିବା ଭାରତୀୟ ହକି ଦଳ ଶେଷରେ ବିଜୟର ପ୍ରତୀକ୍ଷିତ ସ୍ୱାଦ ଚାଖିଛି । ବୁଧବାର ଘରୋଇ ଅଷ୍ଟ୍ରେଲିଆକୁ ସୁଟ୍ଆଉଟ୍ରେ ୩-୧ (୧-୧) ଗୋଲ୍ରେ ପରାସ୍ତ କରି ବୋନସ୍ ପଏଂଟ୍ ସହ ଗସ୍ତ ଶେଷ କରିଛି । ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲ୍ରେ ଅମୀମାଂସିତ ରହିଥିଲା । ହେଲେ ସୁଟ୍ଆଉଟ୍ରେ ଭାରତ ବାଜି ମାରି ନେଇଥିଲା । ଯୁବ ଗୋଲ୍ ରକ୍ଷକ ମୋହିତ ଶଶିକୁମାର ଭାରତର ଏହି ସ୍ମରଣୀୟ ବିଜୟରେ ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ । ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ନିର୍ଦ୍ଧାରିତ ସମୟରେ ବହୁମୂଲ୍ୟ ଗୋଲ୍ ଦେଇ ମ୍ୟାଚ୍କୁ ବରାବର ସ୍ଥିତିକୁ ଆଣିବା ପରେ ସୁଟ୍ଆଉଟ୍ରେ ଗୋଲ୍ କରି ଭାରତୀୟ ବିଜୟର ଅନ୍ୟତମ ନାୟକ ସାଜିଥିଲେ । ଏହି ରୋମାଂଚକ ବିଜୟ ପରେ ଯୁବ ଖେଳାଳି ସମୃଦ୍ଧ ଭାରତୀୟ ହକି ଦଳ ମଧ୍ୟ ତା'ର ଆତ୍ମବିଶ୍ୱାସ କିଛିଟା ଫେରି ପାଇଛି । ଭାରତୀୟ ହକି ଦଳ ଏବେ ଏହି ୯ଦଳୀୟ ପ୍ରତିଯୋଗିତାରେ ୮ ମ୍ୟାଚ୍ରୁ ମାତ୍ର ୪ ପଏଂଟ୍ ପାଇ ଅଷ୍ଟମ ସ୍ଥାନରେ ରହିଛି । ଭାରତ ତା'ର ପରବର୍ତୀ ମ୍ୟାଚ୍ରେ ରୋଟରଡାମ୍ଠାରେ ନେଦରଲାଣ୍ଡସ ଓ ଜର୍ମାନୀକୁ ଭେଟିବ । ଏହି ପର୍ଯ୍ୟାୟ ଜୁନ୍ ୨୧ରୁ ଆରମ୍ଭ ହେବ ।

## ଭାରତୀୟ ଦଳକୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରିକି ପଂଟିଙ୍ଗଙ୍କ ପରାମର୍ଶ

ନୂଆଦିଲ୍ଲୀ: ସୁପର-୮ର ପ୍ରଥମ ମ୍ୟାଚ୍ରେ ଦକ୍ଷିଣ ଆଫ୍ରିକାଠାରୁ ହାରିବା ପରେ ଭାରତୀୟ ଦଳ ପାଇଁ ଆଗକୁ ସେମିଫାଇନାଲ୍ ରାସ୍ତା ବେଶ କଷ୍ଟକର ହୋଇପଡ଼ିଛି । ଆଗକୁ ଭାରତ ପାଇଁ 'କର ବା ମର'ସ୍ଥିତି ଥିବାବେଳେ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରିକି ପଂଟିଙ୍ଗ୍ କେତେକ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ବିପକ୍ଷ ଦଳର ଖେଳାଳିଙ୍କୁ ଦେଖି ନିଜର ଦଳର ଖେଳାଳିଙ୍କୁ ଚୟନ କରିବା ଅପେକ୍ଷା ସର୍ବଶ୍ରେଷ୍ଠ ଏକାଦଶ ଚୟନ କରିବା ଉଚିତ୍ । ସେ କହିଛନ୍ତି, ଦକ୍ଷିଣ ଆଫ୍ରିକା ଦଳରେ ବାମହାତୀ ବ୍ୟାଟର ଥିବାରୁ ଅକ୍ଷର ପଟେଲଙ୍କୁ ଖେଳାଯାଇନଥିବା ଯୁକ୍ତି କରାଯାଇଥିଲା । କିନ୍ତୁ ସେହି ଦଳରେ ବି ଡାହାଣହାତୀ ବ୍ୟାଟର ଥିଲେ । କେବଳ ତାଙ୍କୁ ଠିକ୍ ସମୟରେ ବୋଲିଂ କରାଇବାର ଥିଲା । ଚେନ୍ନାଇ ପିଚ୍କୁ ଦେଖି ଭାରତ ସର୍ବଶ୍ରେଷ୍ଠ ଏକାଦଶ ଚୟନ କରିବା ଉଚିତ୍ । ଯଦି ଅକ୍ଷର ପଟେଲ ଆସୁଛନ୍ତି, ଭଲ କଥା । କୁଳଦୀପଙ୍କୁ ବି ସାମିଲ କରାଯିବା ଉଚିତ୍ । କାରଣ ସେମାନେ ଉଭୟ ବାମହାତୀ ଓ ଡାହାଣହାତୀ ବ୍ୟାଟରଙ୍କୁ ଭଲ ବଲ୍ ପକାଇପାରିବେ । ଅନ୍ୟପକ୍ଷରେ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀ ମଧ୍ୟ ଅକ୍ଷରଙ୍କୁ ଖେଳାଯିବା ସପକ୍ଷରେ ମତ ଦେଇଛନ୍ତି । ସେ କହିଛନ୍ତି ଯେ ଦଳରେ ଉଭୟ ଅକ୍ଷର ଓ ୱାସିଂଟନଙ୍କୁ ସାମିଲ କରାଗଲେ ଭାରତ ପାଖରେ ଅତିରିକ୍ତ ବୋଲିଂ ବିକଳ୍ପ ରହିବ । ଏହା ସହିତ ବ୍ୟାଟିଂରେ ବି ଅକ୍ଷର ଭଲ ଯୋଗଦାନ ଦେଇପାରିବେ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**